ଧରିତ୍ରୀ
DHARITRI
September 28 - October 4, 2025 ₹ 2/-

ଧରିତ୍ରୀ DHARITRI 51 Years

# ଛୁଟିଦିନ



# ନାରୀ

## ସେ ଦଶଭୁଜା

ନାରୀ ! ସେ ଶକ୍ତିସ୍ୱରୂପିଣୀ, ମମତାମୟୀ। କୌଣସି କଷ୍ଟ ତାକୁ ଭାଙ୍ଗିପାରେନା । ପ୍ରତିବନ୍ଧକ ରୋକିପାରେନା । ମନୋବଳ ଏତେ ଦୃଢ଼ ଯେ ଏକାକୀ ବହନ କରିପାରେ ଶତ ଦାୟିତ୍ୱର ଭାର। ତା'ର ଏଇ ପାରିବାପଣ ହିଁ ପ୍ରମାଣିତ କରେ ସେ ସାଧାରଣ ନୁହେଁ, ବରଂ ମା' ଦଶଭୁଜାଙ୍କ ସ୍ୱରୂପ...

୩
ପ୍ରଚ୍ଛଦ ପ୍ରସଙ୍ଗ



## ବାସ୍ତୁଶାସ୍ତ୍ର ଅନୁଯାୟୀ ପୂଜା କରିବାର ନିୟମ

ବାସ୍ତୁଶାସ୍ତ୍ର ଅନୁଯାୟୀ, ପୂଜାକୁ ସଫଳ ଓ ଫଳଦାୟୀ କରିବାକୁ ହେଲେ ଦେବୀଦେବତାଙ୍କର ପ୍ରତିମା ସ୍ଥାପନାଠୁ ଆରମ୍ଭ କରି ତାଙ୍କୁ ଆରାଧନା କରିବା ପର୍ଯ୍ୟନ୍ତ ସବୁ ପାଇଁ କିଛି ନା କିଛି ନିୟମ ମାନିବାକୁ ହୋଇଥାଏ। ଯଦ୍ୱାରା ଦେବଦେବୀଙ୍କର ଆଶିଷ ଲାଭ ହେବା ସହ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ...



*ଘରେ ଦେବାଦେବୀଙ୍କ ପ୍ରତିମା ସ୍ଥାପନା କରିବା ପୂର୍ବରୁ ଘରକୁ ଭଲ ଭାବରେ ସଫାସୁତୁରା କରି ଅନାବଶ୍ୟକ ଜିନିଷକୁ ଘରୁ ବାହାର କରଦେବା ଦରକାର। କାରଣ ବେକାର ପଡ଼ିଥିବା ଜିନିଷ ଘରେ ନକାରାତ୍ମକ ଉର୍ଜ୍ଜା ସୃଷ୍ଟି କରିଥାଏ। *ସେହିପରି ଦେବାଦେବୀଙ୍କର ମୂର୍ତ୍ତି ହେଉ ଅବା ଫଟୋକୁ ଘରର ପୂର୍ବ ଦିଗରେ ଏପରି ସ୍ଥାପନା କରିବେ, ଯେମିତିକି ତାଙ୍କ ମୁଖ ପଶ୍ଚିମ ଦିଗ ଆଡ଼କୁ ଏବଂ ପୂଜା କରିବା ସମୟରେ ଆପଣଙ୍କ ମୁହଁ ପୂର୍ବ ଦିଗ ଆଡ଼କୁ ରହୁଥିବ। ଏପରି କଲେ ଘରେ ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। *ଅନ୍ୟପକ୍ଷେ କୁହାଯାଏ, ଠାକୁର ଘରର କାନ୍ଥରେ ସିନ୍ଦୁରରେ ଓଁ ଏବଂ ସ୍ୱସ୍ତିକ ଚିହ୍ନ କରିବା ମଧ୍ୟ ଶୁଭ ଲକ୍ଷଣ ହୋଇଥାଏ। *ଠାକୁର ପୂଜାରେ ତମ୍ବା କିମ୍ବା ପିତଳ ବାସନକୁସନର ବ୍ୟବହାର କରିବା ଭଲ। ଆପଣ ଚାହିଁଲେ ରୁପାର ଥାଳି ଓ ଜଳପାତ୍ରକୁ ମଧ୍ୟ ପୂଜାରେ ବ୍ୟବହାର କରିପାରିବେ। * ଘରର ମୁଖ୍ୟ ଦ୍ୱାରରେ ବି ସିନ୍ଦୁରରେ ସ୍ୱସ୍ତିକ ଚିହ୍ନ କରି ଆମ୍ବ ଡାଳ ବାନ୍ଧିଲେ ଘରେ ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ ହେବା ସହ ପ୍ରଭୁକୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ ମଧ୍ୟ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୨୮ - ଅକ୍ଟୋବର ୪, ୨୦୨୫

**ମେଷ** — ସ୍ଥଗିତକାର୍ଯ୍ୟ ତ୍ୱରାନ୍ୱିତ ହେବ, ମାଙ୍ଗଳିକ କାମ କରିବେ, ମୂଲ୍ୟବାନ ଜିନିଷ କ୍ରୟ, ନୂତନ ବନ୍ଧୁ ସମ୍ପର୍କ, ଭ୍ରାତୃବିବାଦର ଅବସାନ, କରଜଦାତାଙ୍କ ଚାପ, ଦୂରଯାତ୍ରାର ଯୋଜନା, ମନୋରଞ୍ଜନ କାର୍ଯ୍ୟକ୍ରମ ॥

**ବୃଷ** — ମାନସିକ ଅସୁସ୍ଥତା, ଆର୍ଥିକ ଅନଟନ, ମିତ୍ରବନ୍ଧୁଙ୍କ ଅସହଯୋଗ, ସରକାରୀ ସହାୟତା, ବିବାଦରେ ବିଜୟଲାଭ, ପାରିବାରିକ ସହଯୋଗ, ସାଂଗଠନିକ କାର୍ଯ୍ୟରେ ନେତୃତ୍ୱ, ଦ୍ୱନ୍ଦ୍ୱର ଅବସାନ, କଳାନୁରାଗୀ ହେବେ ॥

**ମିଥୁନ** — ନୂତନ କର୍ମାରମ୍ଭ, ଅନ୍ତର୍ନିହିତ ଅସନ୍ତୋଷ, ଗବେଷଣାରେ ଅଗ୍ରଗତି, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶୃତି, ଅପ୍ରିୟଭାଷଣରୁ ଅଶାନ୍ତି, ମକଦ୍ଦମାରେ ବିଜୟ, ଅନୁକୂଳ ପରିସ୍ଥିତି, କ୍ରନିକ୍ ରୋଗରେ ପୀଡ଼ା, ବନ୍ଧୁ ମିଳନର ଆୟୋଜନ ॥

**କର୍କଟ** — ଅଭୁଲା ଅନୁଭୂତି, ସୁଦୃଢ ବନ୍ଧୁସମ୍ପର୍କ, ପ୍ରତିବନ୍ଧକ ଦୂର ହେବ, ସନ୍ତୋଷଜନକ ବ୍ୟବସାୟ, ଯାନବାହନ ନବୀକରଣ, ନିୟନ୍ତ୍ରିତ ସ୍ୱାସ୍ଥ୍ୟ ସମସ୍ୟା, ନିର୍ମାଣରେ ବିତର୍କ, ପରିବହନରେ ଝଗଡା ॥

**ସିଂହ** — ଅତୀତର ପର୍ଯ୍ୟାଲୋଚନା, ଶତ୍ରୁକୃତ ସମସ୍ୟା, ବୁଦ୍ଧିଜିବୀଙ୍କ ପରାମର୍ଶ, ବନ୍ଧୁଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ, ମାନସିକ ଦୁଶ୍ଚିନ୍ତା, ନୂତନ କର୍ମସଂସ୍ଥାନ, ବିଦେଶ ଯାତ୍ରାର ସୁଯୋଗ, ଆନୁଷ୍ଠାନିକ କାମର ପ୍ରସ୍ତୁତି, ଜମିଜମା ବିବାଦ, ଗୃହ ନିର୍ମାଣାରମ୍ଭ ॥

**କନ୍ୟା** — ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ, ଖର୍ଚ୍ଚ ପରିମାଣ ବୃଦ୍ଧି, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଅଧ୍ୟୟନରେ ଏକାଗ୍ରତା, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ଯାନ ବାହନରେ ତ୍ରୁଟି, ଭୋଗବିଳାସ ପ୍ରତି ଆଗ୍ରହ ॥

**ତୁଳା** — ଶାରୀରିକ ଅସୁସ୍ଥତା, ନିରୁତ୍ସାହିତ ରହିବେ, ଦୂରଯାତ୍ରାରେ ହଇରାଣ, ସାମୟିକ ଅଶାନ୍ତି, ହିତୈଷୀଙ୍କ ପରାମର୍ଶ, ଅନୁଗାମୀଙ୍କ କୃତଜ୍ଞତା, ଆତ୍ମୀୟଙ୍କ ବେଖାତିର, ପୁରାତନ ରୋଗ ପୀଡା, ପୂର୍ବଶତ୍ରୁତାରୁ କଳହ, ସରକାରୀ ସହାୟତା, ଋଣ ପରିଶୋଧ କରିବେ।

**ବିଛା** — ସୁସ୍ଥ ମାନସିକତା, କର୍ମକ୍ଷେତ୍ରରେ ଗୌରବ, ପାରିବାରିକ କଳହ, ପରୋକ୍ଷଶତ୍ରୁତାରୁ କାର୍ଯ୍ୟହାନୀ, ବନ୍ଧୁଙ୍କ ପ୍ରତିକୂଳ ଆଚରଣ, ସନ୍ତାନଙ୍କ ବିଶୃଙ୍ଖଳା, ଅସାବଧାନତାରୁ ଦ୍ରବ୍ୟନଷ୍ଟ, ବିବାଦର ସମାଧାନ, ନୂତନ ଉଦ୍ୟୋଗ ପ୍ରତିଷ୍ଠା, ଶେୟାର ବଜାରରେ ଉନ୍ନତି ॥

**ଧନୁ** — ବନ୍ଧୁ ମିଳନର ଆୟୋଜନ, ଧର୍ମକାର୍ଯ୍ୟରେ ନିଷ୍ଠା, ଜନମଙ୍ଗଳ କାର୍ଯ୍ୟରୁ ପ୍ରଶଂସା, ନୃତ୍ୟସଙ୍ଗୀତରୁ ସମ୍ମାନ, କଚେରୀ ମାମଲାରେ ବାଇଦା, ପ୍ରତିଯୋଗୀତାରେ ସଫଳତା, ଶିଳ୍ପବାଣିଜ୍ୟରେ ଉନ୍ନତି, କର୍ମଜଞ୍ଜାଳ ବୃଦ୍ଧି ॥

**ମକର** — ସ୍ଥଗିତ କର୍ମାରମ୍ଭ, ସହଯୋଗ ମିଳିବ, ଅର୍ଥାଭାବ ରହିବନି, ସଭାସମିତିକୁ ନିମନ୍ତ୍ରଣ, ସାମାଜିକ ସମ୍ମାନ ପ୍ରାପ୍ତି, ସୁସମ୍ପର୍କ ସ୍ଥାପିତ ହେବ, ସନ୍ଦେହ ଦୂରେଇଯିବ, ଧନହାନୀରୁ ଦୁଶ୍ଚିନ୍ତା, ଟେନସନ୍ ଲାଗି ରହିବ, ଦୂରଯାତ୍ରା କରିପାରନ୍ତି, ମାଙ୍ଗଳିକ କାମରୁ ଖୁସି ॥

**କୁମ୍ଭ** — ଉନ୍ନତ ଚିନ୍ତା କରିବେ, ନିଷ୍ଠାବାନ୍ ହେବେ, ଧାର୍ମିକ କାର୍ଯ୍ୟକୁ ନିମନ୍ତ୍ରଣ, ଭ୍ରାତୃ ସମ୍ପର୍କରେ ଉନ୍ନତି, ବ୍ୟୟଭାର ବୃଦ୍ଧି, ପ୍ରଗତିର ପଥରୋଧ, ବନ୍ଧୁଙ୍କ ଉପରେ ସନ୍ଦେହ, କର୍ମକ୍ଷେତ୍ରରେ ବିବାଦ, ପଡୋଶୀଙ୍କ ଅସୂୟା ମନୋଭାବ, ପାରିବାରିକ ଶାନ୍ତି ବ୍ୟାହତ, ହୋଟେଲ ଶିଳ୍ପରେ ଉନ୍ନତି ॥

**ମୀନ** — ଅଭିଳଷିତ କାର୍ଯ୍ୟ ହାସଲ, ସ୍ୱାସ୍ଥ୍ୟହାନୀ ଜନିତ ଦୁଶ୍ଚିନ୍ତା, ବ୍ୟୟ ବହୁଳତାରୁ ଅଶାନ୍ତି, ଫଳପ୍ରଦ ଆଲୋଚନା, ସାହିତ୍ୟାନୁରାଗୀ ହେବେ, ଗଠନମୂଳକ କାର୍ଯ୍ୟରୁ ପ୍ରଶଂସା, ସାଂସ୍କୃତିକ କାର୍ଯ୍ୟରେ ମୁଖ୍ୟ ଭୂମିକା, ଚଳଚ୍ଚିତ୍ରରେ ବିବାଦ, ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ॥

## ଗଙ୍ଗାଜଳ ଦୂର କରିବ ବାସ୍ତୁଦୋଷ



ହିନ୍ଦୁଧର୍ମରେ ଗଙ୍ଗାଜଳ ହେଉଛି ଖୁବ୍ ପବିତ୍ର। ମନରେ ଶ୍ରଦ୍ଧା ରଖି ଗଙ୍ଗାଜଳକୁ ଘରେ ରଖିଲେ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ କରାଯାଏ। ବାସ୍ତୁଦୋଷ ହେଉ ଅବା କାହାର କୁ-ଦୃଷ୍ଟିକୁ ଦୂର କରିବାରେ ମଧ୍ୟ ଗଙ୍ଗାଜଳର ରହିଛି ଅନେକ ଭୂମିକା। ଯେମିତିକି: * ବାସ୍ତୁଦୋଷ ଯୋଗୁ ସମସ୍ୟା ଲାଗି ରହୁଥିଲେ, ମଝିରେ ମଝିରେ ପବିତ୍ର ମନରେ ଘରର ଚାରିଆଡ଼େ ଗଙ୍ଗାଜଳ ଛିଞ୍ଚିଦେଲେ ଘରେ ସକାରାତ୍ମକ ଉର୍ଜ୍ଜା ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି। * ପରିବାର ସଦସ୍ୟଙ୍କ ଭିତରେ କଳହ ଲାଗୁଥିଲେ, ପ୍ରତିଦିନ ସକାଳେ ଶୁଦ୍ଧପୂତ ହୋଇ ଘରର ପ୍ରତ୍ୟେକ ସଦସ୍ୟଙ୍କ ଉପରେ ଗଙ୍ଗାଜଳ ଟିକେ ଛିଞ୍ଚିଦେଲେ ସମ୍ପର୍କରେ ମଧୁରତା ବଢିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି। * ଛୋଟ ପିଲାଙ୍କୁ କାହାର କୁ-ଦୃଷ୍ଟି ଲାଗିଥିବାର ଅନୁଭବ କଲେ, ସେହି ପିଲା ଉପରେ ଗଙ୍ଗାଜଳ ଛିଞ୍ଚି କୁ-ଦୃଷ୍ଟିର ପ୍ରଭାବକୁ କମ୍ କରାଯାଇପାରେ। * ରାତିରେ ଦୁଃସ୍ୱପ୍ନ ଆସୁଥିଲେ, ଶୋଇବା ପୂର୍ବରୁ ଶେଯ ଉପରେ ଟିକେ ଗଙ୍ଗାଜଳ ଛିଞ୍ଚି ତା'ପରେ ଶୋଇଲେ ଆଉ ଖରାପ ସ୍ୱପ୍ନ ଆସେନାହିଁ ବୋଲି ବିଶ୍ୱାସ ରହିଛି। * ଗଙ୍ଗାଜଳକୁ ପ୍ଲାଷ୍ଟିକ୍ ବୋତଲରେ ନ ରଖି ବରଂ କୌଣସି ଧାତୁରେ (ଲୁହାକୁ ଛାଡ଼ି) ତିଆରି ପାତ୍ରରେ ଭରି ଠାକୁର ଘରେ ରଖିବା ଠିକ୍ ହେବ। * ପିତଳ ହେଉ ଅବା ତମ୍ବା ଗଡୁରେ କିଛି ଗଙ୍ଗାଜଳ ଭରି ତାହାକୁ ଘରର ଉତ୍ତର-ପୂର୍ବ କୋଣରେ ରଖିଦେଲେ ଘରେ ସୁଖଶାନ୍ତି ବୃଦ୍ଧି ପାଇଥାଏ ବୋଲି ମାନ୍ୟତା ରହିଛି।

## ପାଠକୀୟ

* ଓଡ଼ିଶାର ବିଭିନ୍ନ ସ୍ଥାନରେ ରହିଛି ପାରମ୍ପରିକ ଅସ୍ତ୍ର ପୂଜା ବିଧି। ସେଥିମଧ୍ୟରୁ ଓଡ଼ିଆ ପାଇକ ଦଳବେହେରାଙ୍କ ଅସ୍ତ୍ର ପୂଜାବିଧି କିଛିଟା ସ୍ୱତନ୍ତ୍ର। ତେଣୁ ଏଭଳି ଏକ ମନଛୁଆଁ ଆଲେଖ୍ୟକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'ଅସ୍ତ୍ର ପୂଜା'ଟି ବେଶ୍ ମନଛୁଆଁ ହୋଇଥିଲା। 'ଫିଟିକିରିର ବାସ୍ତୁ ମହତ୍ତ୍ୱ', 'କେଉଁ ରୋଷେଇ ସାମଗ୍ରୀ ସମ୍ପୂର୍ଣ୍ଣ ସରିଯିବା ଅଶୁଭ' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା।

– *ହରପ୍ରିୟା ତ୍ରିପାଠୀ, ଝାରସୁଗୁଡ଼ା*

* ଅସ୍ତ୍ର ପୂଜା: ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ନିଆରା ଥିଲା। ଏଥିରୁ ବହୁ ଅଜଣା ତଥା ଉପାଦେୟ କଥା ଜାଣିହେଲା। ଗୁମ୍ଫା ଘର ଶୀର୍ଷକ ପାଠଟିରୁ ବି ବହୁ ଅଜଣା କଥା ଜାଣିବାକୁ ମିଳିଲା।

– *ସର୍ମିଷ୍ଠା ସାହୁ, ଭୁବନେଶ୍ୱର*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ପ୍ରବୀର କୁମାର ପଟ୍ଟନାୟକଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ହଜିବା ଓ ପାଇବା ଭିତରେ ଜୀବନ' ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ଖାସ୍ କରି ଏଥିରେ ସ୍ଥାନିତ 'ବାଣୀଙ୍କୁ ସମୟ ମିଳିଲେ', 'ଭାଗ୍ୟବତୀ ସନାୟା', 'ପୁଣିଥରେ ଘମାଘୋଟ' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ହୋଇଥିଲା।

– *ରଶ୍ମୀପ୍ରଭା ଦାଶ, କଟକ*

* ଲେଖକ ବିପିନ ମହାନ୍ତିଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ପ୍ରେରଣାଦାୟୀ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଫ୍ୟାଶନରେ ଅଫ୍ ହ୍ୱାଇଟ୍ ପ୍ରିଣ୍ଟେଡ୍ ସୁଟ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। 'ମାଳତୀଗଡ଼' ପାଠରୁ ବି ବହୁ ଅଜଣା ତଥ୍ୟ ଜାଣିବାକୁ ମିଳିଲା।

– *ରାଜଶ୍ରୀ ପରିଡ଼ା, କେନ୍ଦ୍ରାପଡ଼ା*

* ସହର ପୃଷ୍ଠାରୁ ଦୋଆର୍ସ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ବିବିଧା ପୃଷ୍ଠାରେ ସ୍ଥାନିତ ଉଡ଼ାଜାହାଜର ଝରକା ଗୋଲାକାର କାହିଁକି ପାଠରୁ ବହୁ ଉପାଦେୟ କଥା ଜାଣିହେଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଚରଣ–ଆଚରଣ–ଉଚ୍ଚାରଣ' ଶୀର୍ଷକ ପାଠଟି ବି ବେଶ୍ ଶିକ୍ଷଣୀୟ ହୋଇଥିଲା।

– *ପୁଷ୍ପଲତା ମିଶ୍ର, ବଲାଙ୍ଗୀର*

* ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଦାମୀ ଲିପଷ୍ଟିକ୍', 'ବଟର୍‌ରେ ସ୍ଥାପତ୍ୟ', 'କୁକୁର କରୁଛି ଟାଇଟ୍ ରୋପ୍ ୱାର୍କ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ମଜାଦାର୍ ହେବା ସହ ଆଶ୍ଚର୍ଯ୍ୟକର ଥିଲା।

– *ଅକ୍ଷୟ ମହାନ୍ତି, ଖୋର୍ଦ୍ଧା*

* ଛୁଟିଦିନର ମୁଁ ଜଣେ ନିୟମିତ ପାଠକ। ଏହାର ପ୍ରତି ପୃଷ୍ଠା ଖୁବ୍ ଆକର୍ଷଣ ଓ ଶିକ୍ଷଣୀୟ ହୋଇଥାଏ। ବିଶେଷକରି ଏହାର ପ୍ରଚ୍ଛଦ ପ୍ରସଙ୍ଗ ମୋତେ ପଢିବାକୁ ବହୁତ ଭଲ ଲାଗେ।

– *ବର୍ଷାରାଣୀ ଖୁଣ୍ଟିଆ, ମୟୂରଭଞ୍ଜ*

### ବିଶେଷ ଚିଠି




ପ୍ରଚ୍ଛଦ ପ୍ରସଙ୍ଗରେ ଥିଲା
ଅସ୍ତ୍ର ପୂଜା,
ଦେଉଥିଲା କିଛି ନୂଆ ବାର୍ତ୍ତା।
ତା'ସାଙ୍ଗକୁ ଥିଲା ସାଥୀ, ସିନେମା
ମନ କିଣି ନେଉଥିଲା ପୁଣି
ତୁମ ବିବିଧାର ଦୁନିଆ।
ଭାରୀ ଚମତ୍କାର ଲାଗୁଥିଲା
ବ୍ୟଙ୍ଗର ଉପସ୍ଥାପନା
ନିଆରା ଲାଗୁଥିଲା ପୁଣି
ପ୍ରଥମ ରୋଜଗାରର ବର୍ଣ୍ଣନା।
ହେ ପ୍ରିୟ ଛୁଟିଦିନ
ତୁମର ସବୁ ପୃଷ୍ଠା ଲାଗେ
ଭାରୀ ନୂତନ।

–*ଅଶୋକ ମହାନ୍ତି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ନାରୀ ସେ ଦଶଭୁଜା



ନାରୀ ! ଶକ୍ତିର ସ୍ୱରୂପ ସେ, ମମତାର ପରିଭାଷା । କଷ୍ଟ ତାକୁ ଭାଙ୍ଗିପାରେନା । ପ୍ରତିବନ୍ଧକ ରୋକିପାରେନା । ମନୋବଳ ଏତେ ଦୃଢ଼ ଯେ ଏକାକୀ ବହନ କରିପାରେ ଶତ ଦାୟିତ୍ୱର ଭାର । ଏକା ସେ କରିପାରେ ଘର, ବାହାରର ସବୁ କାମ । ତା'ର ଏଇ ପାରିବାପଣ ହିଁ ପ୍ରମାଣିତ କରେ ଯେ ସେ ସାଧାରଣ ନୁହେଁ, ବରଂ ସେ ଶକ୍ତିସ୍ୱରୂପିଣୀ ଦଶଭୁଜାଙ୍କ ସ୍ୱରୂପ...

ନାରୀ ! ଶକ୍ତିର ସ୍ୱରୂପ ସେ, ମମତାର ପରିଭାଷା । କଷ୍ଟ ତାକୁ ଭାଙ୍ଗି ପାରେନା । ପ୍ରତିବନ୍ଧକ ରୋକିପାରେନା । ମନୋବଳ ଏତେ ଦୃଢ଼ ଯେ ଏକାକୀ ବହନ କରିପାରେ ଶତ ଦାୟିତ୍ୱର ଭାର ...

### ସମୟର ସଦୁପଯୋଗ କରିପାରିଲେ ଖୁସି ଲାଗେ: ଅନୁରାଧା ପାଣିଗ୍ରାହୀ (ଗାୟିକା, ଅଭିନେତ୍ରୀ ଓ ଡାକ୍ତର)

'ଏବେ ଯେବେ ବି ଦେଖେ ସେଇ ରେଳଷ୍ଟେଶନ, ସେଇ ପାର୍କ, ସେଇ ସିଟି ବସ୍ ମନେ ପଡିଯାଏ ପୁରୁଣା ଦିନର କଥାସବୁ। କେତେ ସଂଘର୍ଷ ଥିଲା ଜୀବନରେ। କେମିତି ପ୍ରତିଟି ମୁହୂର୍ତ୍ତର ସଦୁପଯୋଗ କରି ମୁଁ ସାଜିଲି ଗାୟିକା, ନାୟିକା ଓ ରୋଗୀଙ୍କ ସେବା କରୁଥିବା ଜଣେ ଡାକ୍ତର। ସଂଘର୍ଷ ଏବେ ବି ଚାଲିଛି। ସମୟକୁ ବାଣ୍ଟିକୁଣ୍ଟି ଏବେ ବି ସବୁ କାମ କରିବାକୁ ପଡୁଛି। କଷ୍ଟ ହୁଏ, ହେଲେ ଏଥିରେ ଆତ୍ମତୃପ୍ତି ବି ମିଳେ। ପିଲାଟି ଦିନରୁ ମା'ବାପା ମତେ ସମୟର ସଦୁପଯୋଗ କରି ପାଠପଢ଼ା ସହ କିଭଳି ଅନ୍ୟ କାର୍ଯ୍ୟ କରିହେବ ଶିଖାଇଛନ୍ତି। ମୋର କାହିଁ ମନେପଡୁନି ମୁଁ କେବେ ସମୟ ନଷ୍ଟ କରିଛି ବୋଲି। ଏମିତି କି ସବୁ ପିଲାଙ୍କ ଭଳି ଖେଳିବା, ବୁଲିବା, ଟିଭି ଦେଖିବାରେ ବି କେବେ ସମୟ କଟେଇନି। ବାପାଙ୍କର ବହୁତ ଇଚ୍ଛା ଥିଲା ମୁଁ ଗୀତ ଶିଖେ। ତେଣୁ ୯ ବର୍ଷ ବୟସରୁ ପଢାପଢି ସହ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ ଶିକ୍ଷା ଆମେ ରହୁଥିବା ରାୟଗଡ଼ାରୁ ଆରମ୍ଭ ହୋଇଥିଲା। ପରେ ରାୟଗଡାରୁ ଭୁବନେଶ୍ୱର ଟ୍ରେନ୍‌ରେ ଯିବା ଆସିବା କରି ସଙ୍ଗୀତ ଶିଖିଲି। ପ୍ରତି ସପ୍ତାହ ରାତିରେ ମାମାଙ୍କ ସହ ରାୟଗଡାରୁ ଭୁବନେଶ୍ୱରକୁ ଟ୍ରେନରେ ଆସୁଥିଲି। ସକାଳେ ପହଞ୍ଚିବା ପରେ ସିଟି ବସ୍‌ରେ ଖଣ୍ଡଗିରିରେ ଥିବା ସାର୍‌ଙ୍କ ଘରକୁ ଯାଇ ଗୀତ କ୍ଲାସ୍ କରୁଥିଲି। ସେଇଦିନ ସନ୍ଧ୍ୟାରେ ବି ଗୋଟେ ଗୀତ କ୍ଲାସ ରହୁଥିଲା। ତେଣୁ ମାମା ଓ ମୁଁ ପାର୍କରେ ବସି ଦିନ କାଟୁଥିଲୁ। ସମୟ ହେଲେ କ୍ଲାସ୍ ସାରି ରାୟଗଡା ଫେରୁଥିଲୁ। ବାପାଙ୍କ ସପୋର୍ଟ ସହ ମାମା ଥିଲେ ମୋ ପାଖେ ପାଖେ। ଫଳରେ ବିଭିନ୍ନ ରିଆଲିଟି ଶୋ'ଯେମିତିକି ଭଏସ୍ ଅଫ୍ ଓଡ଼ିଶା, ଇଣ୍ଡିଆନ ଆଇଡଲ୍, ସାରେଗାମା ଲିଟିଲ ଚାମ୍ପ୍ସ, ତେଲୁଗୁ ଇଣ୍ଡିଆନ ଆଇଡଲ୍ ଆଦିରେ ଭାଗ ନେଇ ଅନେକ ସଫଳତା ପାଇଲି। ଅଲ୍ ଇଣ୍ଡିଆ ରେଡିଓର କଳାକାର ହେଲି। ବାପାଙ୍କର ତ ଏତେ ସପୋର୍ଟ ଥାଏ ଯେ ୨୦୧୪ରେ ଯେତେବେଳେ ତାଙ୍କର ହାର୍ଟ ଷ୍ଟ୍ରୋକ୍ ହୋଇଥିଲା, ସେ ଆଇସିୟୁରେ ଥାଇ ମତେ 'ମ୍ୟୁଜିକ ମହାସଂଗ୍ରାମ'ର ଅଡିସନ୍ ଦେବାକୁ କହିଥିଲେ। ଯୁକ୍ତ୨ ପଢିବାବେଳକୁ କିନ୍ତୁ ହଠାତ୍ ମୋ' କ୍ୟାରିୟରରେ ନୂଆ ମୋଡ଼ ଆସିଲା। ଭାଗ୍ୟ ମତେ ଅଭିନୟ ଆଡ଼କୁ ଟାଣି ନେଲା। ଆଉ ମତେ ସିନେମାରେ ଅଫର ମିଳିଲା। 'ପ୍ରେମରେ ରଖିଛି ଶହେରୁ ଶହେ' ଚଳଚ୍ଚିତ୍ରରେ କାମ କଲି। ଦୁଇବର୍ଷ ପରେ 'ଦିଲ୍‌ରେ ଅଛି ତୋରି ନାଁ'ରେ କାମ କଲି। ଏହାପରେ ଆହୁରି କିଛି ଫିଲ୍ମରେ ବି କାମ କଲି। କିନ୍ତୁ ଘରେ ଜେଜେବାପା, ଜେଜେମା'ଙ୍କର ଏହା ପସନ୍ଦ ନ ଥିଲା। ଜେଜେବାପାଙ୍କର ଇଚ୍ଛା ଥିଲା ମୁଁ ଡାକ୍ତର ହୁଏ। ତଥାପି ବାପାଙ୍କ ସପୋର୍ଟ ପାଇ ମୁଁ ଅଭିନୟ ଓ ସଙ୍ଗୀତ ପଥରେ ଆଗେଇ ଚାଲିଥାଏ। ଯା'ଭିତରେ 'ଦିଲ୍‌ରେ ଅଛି ତୋରି ନାଁ' ଚଳଚ୍ଚିତ୍ରର ଦିଲ୍ ବେଜୁବାଁ..., 'ନିର୍ଣ୍ଣୟ' ଚଳଚ୍ଚିତ୍ରର କେଜାଣି କାହିଁକି ଜାଣେନା..., 'ଦୁର୍ଗା' ଚଳଚ୍ଚିତ୍ରର ମନ ସହିରେ..., 'ଜଗା ମୋର ଜଗତଜିତା' ଚଳଚ୍ଚିତ୍ରର ଆହେ ନୀଳ ଶଇଳ... ଗୀତ ଗାଇଲି। ମୁଁ ଡାକ୍ତର ହୁଏ ବୋଲି ଖାଲି ଯେ ଜେଜେବାପାଙ୍କର ଇଚ୍ଛା ଥିଲା ତାହା ନୁହେଁ ମୋର ବି ଇଚ୍ଛା ଥିଲା। ତେଣୁ ଶ୍ରୀକାକୁଲମ୍‌ର ଶ୍ରୀ ସାଇ ଡେଣ୍ଟାଲ କଲେଜରେ ବିଡିଏସ୍ କଲି। ସେତେବେଳେ ପଢା ସହ ଶୁଟ୍ କି ଗୀତ ରେକର୍ଡିଂ କରିବାବେଳେ ବହୁତ ଅସୁବିଧା ହେଉଥିଲା। ତଥାପି ଶନିବାର କ୍ଲାସ୍ ସାରି ଟ୍ରେନ୍‌ରେ ଭୁବନେଶ୍ୱର ଆସୁଥିଲି। ଶୁଟ୍ ଓ ରେକର୍ଡିଂ ସାରି ଟ୍ରେନ୍‌ରେ ଶ୍ରୀକାକୁଲମ୍ ଫେରୁଥିଲି। ଟ୍ରେନ୍ ଶ୍ରୀକାକୁଲମରେ ରାତି ୨-୩ଟା ଭିତରେ ଲାଗୁଥିଲା। ଏତେ ରାତିରେ ହଷ୍ଟେଲ ଯିବା ସମ୍ଭବ ହେଉ ନ ଥିଲା। ତେଣୁ ଷ୍ଟେଶନ୍‌ରେ ବସି ରାତି କାଟୁଥିଲି। ଏସବୁ ବାଦ୍ ବିଡିଏସ୍ ଗ୍ରାଜୁଏଶନ୍‌ରେ ପାଞ୍ଚଟି ଅନର୍ସରେ ଡିଷ୍ଟିଙ୍କସନ୍ ରଖିଲି। ସେ ସମୟର ସଂଘର୍ଷ କଥା ମନେପଡ଼ିଲେ ଖୁସି ଲାଗେ ଯେ, ଯାହା ହେଉ ମୁଁ ସମୟର ସଦୁପଯୋଗ କରି ପାରିଥିଲି। ଏବେ ମୁଁ ଭୁବନେଶ୍ୱରରେ ରହୁଛି। ହାଇଟେକ୍ ମେଡିକାଲର ଓରାଲ ସର୍ଜରୀ ଡିପାର୍ଟମେଣ୍ଟରେ ଓରାଲ ସର୍ଜନ ଅଛି। ସଂଘର୍ଷ ଏବେ ବି ସରିନି। ଟାଇମ୍ ମ୍ୟାନେଜମେଣ୍ଟର ଆବଶ୍ୟକତା ଏବେ ଆହୁରି ଅଧିକ ବଢିଯାଇଛି। ସକାଳୁ ଉଠି ଘରର ସବୁ କାମ ସହ ରୋଷେଇ କରେ। ହସ୍ପିଟାଲ ଯାଏ। ସନ୍ଧ୍ୟାରେ ଫେରି ଗୀତ ପ୍ରାକ୍ଟିସ୍, ୱାର୍କଆଉଟ୍ ସହ ଓଡ଼ିଶୀ ନୃତ୍ୟ ଅଭ୍ୟାସ କରେ। ଅଭିନୟ, ସଙ୍ଗୀତ, ରୋଗୀସେବା ସବୁପାଇଁ ସମୟ ବାହାର କରିବାକୁ ପଡୁଛି। ହସ୍ପିଟାଲର ପ୍ରିନ୍ସିପାଲ, କଲିଗ୍ ସମସ୍ତେ ବହୁତ କୋ-ଅପରେଟିଭ। ସେମାନଙ୍କ ସପୋର୍ଟ ପାଇଁ ହିଁ ମୁଁ ସବୁକାମକୁ ସୁରୁଖୁରୁରେ କରିପାରୁଛି। ତେଲୁଗୁ ଫିଲ୍ମରେ ବି କାମ କରିଛି। ତେବେ ରୋଗୀ ସେବାରେ ବେଶି ଆତ୍ମତୃପ୍ତି ମିଳେ। ତେଣୁ ଏହାକୁ ମୁଁ କେବେ ବି ଛାଡି ପାରିବି ନାହିଁ। ସମାଜ ସେବା କରିବାକୁ ବି ମତେ ଭଲ ଲାଗେ। ତେଣୁ ଅନେକ ସମୟରେ ବୃଦ୍ଧାଶ୍ରମକୁ ଯାଏ ଓ ସାମର୍ଥ୍ୟ ଅନୁସାରେ ସାହାଯ୍ୟ କରିବାକୁ ଚେଷ୍ଟା କରେ।'



ଅନୁରାଧା ପାଣିଗ୍ରାହୀ



### ତୋ ଦେଇ ଏ କାମଟି ହେବନି, ଏକଥା ମୁଁ ସହିପାରେନି: ମାନମୟୀ ରଥ(ଲେଖିକା, ଅଧକ୍ଷା, ପ୍ରକାଶିକା ଓ ଚିତ୍ରଶିଳ୍ପୀ)

ମୋ ବଡ଼ ଭାଇ ମୋତେ କୁହେ ନିରୀହ ବିଛା । ବିଛାର ହଜାର ଗୋଡ଼ ଭଳି ମୋର କୁଆଡ଼େ ହଜାରେ ଦିଗକୁ ଗୋଡ଼ ଲମ୍ବିଥାଏ। କାମୁଡିବା ଭଳି ପ୍ରକୃତି ନାହିଁ ସିନା ଡରେଇ ଦେଲା ଭଳି ସାମର୍ଥ୍ୟଟେ ରହିଛି ବୋଲି ସେ କୁହେ। ପିଲାଟି ବେଳୁ ଉଭୟ ଘରକାମ ଏବଂ ବାହାର କାମ କରିବାକୁ ସୁଯୋଗ ଦେଇଥିଲେ ଘରେ। ବଡ଼ଭାଇ ଭଳି ମୁଁ ଆଉ ଗୋଟିଏ ପୁଅ ବୋଲି ପିଲାବେଳୁ ମୋତେ ବୁଝେଇ ଦେଇଥିଲେ ନନା ଓ ବୋଉ । ତେଣୁ ସେହି ସମୟରୁ ନନାଙ୍କ ସହ କ୍ଷେତକୁ ଯାଇଛି । ଶଗଡ଼ ଉପରେ ବସି ଧାନ କଳେଇ ଘରକୁ ଆଣିଛି। ଚାଉଳ, ଚୁଡା ପେଷେଇବା ପାଇଁ ଗାଁ କଳ ଘରକୁ ନନାଙ୍କ ସହ ଯାଇଛି । କୁଣ୍ଡା ତୋଳିଛି, ନଡ଼ା ବୋହିଛି, ବେଙ୍ଗଳା ପକେଇଛି, ଦୋକାନ ବଜାର ସଉଦା କରି ଘରକୁ ଆଣି ହିସାବ ଦେଇଛି। ଭାଇ କରାଟେ ଶିଖୁଥିଲା ବୋଲି ମୁଁ ତା' ପଛରେ ଗୋଡେଇ ଗୋଡେଇ ଅଳ୍ପ ହେଲେ ବି ଆତ୍ମରକ୍ଷାର କୌଶଳ ଶିଖିଛି ଏବଂ ଦରକାର ସମୟରେ ମୋ ଛାତ୍ରୀଛାତ୍ରଙ୍କୁ ଆଉ ଟିକେ ଭଲରେ ଶିଖେଇଛି। ବଡ଼ ଭାଇ ଛାତରେ, ଗଛରେ ଦଉଡ଼ି ବାନ୍ଧି ଦଉଡ଼ିରେ ଚଢୁଥିଲା ମୁଁ ବି ଦେଖି ଶିଖି ଚଢିଲି। ଗଛ ଉପରୁ ପାଣିକୁ ମୁଁ ଡେଇଁଲି । ଗଛ ଚଢା, ପାଣି ପହଁରାରେ ସାଙ୍ଗସାଥୀଙ୍କୁ ଟପି ନିଜ ସାମର୍ଥ୍ୟ ବୁଝେଇଦେଲି। ହାଇସ୍କୁଲରେ ପଢୁଥିଲାବେଳେ ତିନିଟା ଉପର ଶ୍ରେଣୀରେ ପଢୁଥିବା ନାନୀ ଭାଷଣ ଦେଇ ଶହେ ଟଙ୍କା ପୁରସ୍କାର ପାଇଲା। ମୋତେ ବି କିଛି ମିଳୁ ବୋଲି ମୁଁ ନିଜେ ନିଜେ ଭାଷଣରେ ଭାଗ ନେଇ ପ୍ରବନ୍ଧ ବହିରୁ ତଥ୍ୟ ଖୋଜି ପ୍ରଥମ ହୋଇ କଲମ ଓ ବହି ପାଇଲି। ସ୍କୁଲରୁ ୟୁନିଭରସିଟି ପଢିଲା ଯାଏ ଭଲ ଭାଷଣ ଦେଉଛି ବୋଲି





ମାନମୟୀ ରଥ



ସଭିଙ୍କ ମନ୍ତବ୍ୟରେ ରହିଲି। ମୋ ସ୍ଥିତିର ଗୁରୁତ୍ୱ ସବୁବେଳେ ରହୁ ବୋଲି ଚାହୁଁଥିବାରୁ ସବୁ କାମ କରିବାରେ ମୋର ଆଗ୍ରହ ଆସେ। 'ତୋ ଦେଇ ଏଇ କାମଟି ହେବନି' ଭଳି କଥା ସହିବାକୁ ମୁଁ କେବେ ପ୍ରସ୍ତୁତ ନ ଥାଏ। ମୋତେ ଲାଗେ ଅଦୃଷ୍ଟ ଯେମିତି ଧରେଇ ଦେଇଛି ମୋ ହାତରେ ଅଦ୍ଭୁତ ଏକ ପାରିଲାପଣର କାଉଁରି କାଠି । ନିଜ ସୀମିତତାକୁ ବୁଝି ଅଚଳ ହୋଇପଡୁଥିବା କାମକୁ କୌଣସି ପ୍ରକାରେ ଚଞ୍ଚଳ କରେଇନେବା ମୋ ପ୍ରକୃତି। ବୋଧହୁଏ ସେହି ପ୍ରକୃତିରୁ ମୋର ଗପ, କବିତା, ପ୍ରବନ୍ଧ ଲେଖିବା, ଚିତ୍ର ଅଙ୍କିବା, ନାଚ କରିବା, ଅଭିନୟ କରିବା, ଖେଳକୁଦ କରିବା ଆଦି କାମ ସମ୍ଭବ ହୋଇପାରିଛି। ସମୟ ଯାଚିଦେଉଥିବା ଅସହାୟତାକୁ ମୁଁ ମାନିନେଇପାରେନି। ତେଣୁ ତହିଁରୁ ସକାରାତ୍ମକତା କାଢି ମୁଁ ଶିଖିପକାଏ ଆଉ କିଛି ଦୈନନ୍ଦିନ ଜୀବନର କାର୍ଯ୍ୟ। ଘରୁ ଫିଉଜ ଗଲେ, ଟିଭି, ଫ୍ରିଜ କି ଇନଭର୍ଟର ଖରାପ ହେଲେ, ପାଣି ପାଇପ ଲିକ୍ ହେଉ କି ଏଲପିଜି, ଘରେ ଅଥବା ପାଖପଡୋଶୀରେ କାହାର ଦେହ ଖରାପ ହେଲେ ଫାଷ୍ଟ ଏଡ୍ ସର୍ଭିସ ଭଳି ମୁଁ ଆଗୁଆ ଠିଆ ହୋଇଯାଏ। ପ୍ରତିକୂଳ ପରିସ୍ଥିତିରେ ମୁଁ ଅଟକିଯାଏନି ବରଂ ଲୁହ ଏବଂ ଭୟକୁ ସାଥିରେ ଧରି ନୂଆରାସ୍ତା କିଛି ତିଆରି କରି ଚାଲିବାର ଅବିରାମତ୍ୱ ଜାରି ରଖିଥାଏ। ଷଷ୍ଠ ଶ୍ରେଣୀରେ ପଢୁଥିଲି ବିଦ୍ୟାଳୟର ମୁଖପତ୍ର 'ରତ୍ନମାଳା' ନୂଆ କରି ବାହାରୁଥିଲା। ନନା ଆମର ନାନୀ ପାଇଁ କବିତା ଲେଖିଦେଲେ ଅଥଚ ମୋତେ ଏଡେଇଗଲେ। ମୋର ଇଚ୍ଛା ହେଲା ମୋ ଲେଖା ବି ବାହାରୁ। ତେଣୁ ଚାରି ପାଞ୍ଚଟା କବିତା ବହି ଆଣି ଶବ୍ଦ ଖୋଜି, ଛନ୍ଦ ଦେଖି ମୁଁ ବି ଲେଖିପକେଇଲି କବିତା। ନାନୀକୁ ପୂଜା କୋଠିରେ ଲକ୍ଷ୍ମୀ, ପାଦ, ପଦ୍ମ ଆଙ୍କିବାକୁ ବୋଉ କହୁଥିଲା, ମୁଁ ଖାତାରେ ନାନୀକୁ ଦେଖି ଆଙ୍କି ବସିଲି । ନିଜେ ଗଢିଥିବା ବିଦ୍ୟାଳୟରେ ଅଧକ୍ଷତା କରୁଥିଲାବେଳେ ଚିତ୍ରଶିକ୍ଷକ ରଖିବାର ଅର୍ଥନୈତିକ ସାମର୍ଥ୍ୟ ନ ଥିଲା। ତେଣୁ ପିଲାଙ୍କୁ ଚିତ୍ର ଶିଖେଇବାକୁ ଆରମ୍ଭ କଲି । ପିଲାଙ୍କୁ ଶିଖେଇବା ଭିତରେ ନିଜେ ପିଲାଙ୍କଠାରୁ ଅଳ୍ପବହୁତେ ଶିଖିଲି। ପିଲାଏ ଯେତେବେଳେ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତାରେ ଜିଲ୍ଲା ସ୍ତରୀୟ, ରାଜ୍ୟସ୍ତରୀୟ, ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ପୁରସ୍କାର ପାଇଲେ ମୋତେ ଲାଗୁଥିଲା ମୋତେ ସେସବୁ ମିଳୁଛି। ସେମାନଙ୍କ ମତରେ ତାଙ୍କ ପ୍ରିନ୍ସିପାଲ ମ୍ୟାମ୍‌ଙ୍କ ଭଳି କେହି ଆଙ୍କିପାରିବେନି। ସେହି ନ୍ୟାୟରେ ପିଲାଙ୍କୁ ନୃତ୍ୟ ଓ ନାଟକ ଶିଖେଇବା, ଶାରୀରିକ କୌଶଳ ଶିଖେଇବା କାମ କରିଛି ଏବଂ ପ୍ରଶଂସା ପାଇଛି। ପ୍ରତିଯୋଗିତାରେ ରହିବା ଏବଂ ପୁରସ୍କାର ପାଇବାରେ ଲୋକେ ପ୍ରତିଭାର ଆକଳନ କରନ୍ତି। ସେହି ଅନୁଯାୟୀ ବୋଧହୁଏ ନାଁ ହୁଏ, ଯଶ ଅର୍ଜନ କରିହୁଏ। ମୁଁ ମୋ ପାରିଲାପଣ ଦେଖେଇବାକୁ ଚାହିଁଛି ଆରମ୍ଭରୁ। କିଛି କାମ ଅଟକିଯାଉ କେଉଁ ଅପ୍ରତ୍ୟାଶିତ ପ୍ରତିବନ୍ଧକରେ ମୁଁ ଚାହେଁନି । ଲଢ଼ିପଡେ। ବିଦ୍ୟାଳୟ କର୍ତ୍ତୃପକ୍ଷ କୁହନ୍ତି, ଆପଣ ଅଛନ୍ତି ଆମର ଚିନ୍ତା ନାହିଁ। ଘରେ କୁହନ୍ତି, ମାନୁ ଅଛି ଅସୁବିଧା ହେବନି । ମୋ ବୋହୂପଣର ପାରିଲାପଣ ଶାଶୁଘରେ। ନିଜର ବନ୍ଧୁଟି କୁହେ ତୁମେ ମୋ ଦମ୍ଭ। ଜୀବନସାଥୀ କୁହନ୍ତି, ତୁମେ ମୋ ବିଶ୍ୱାସ ଓ ସାମର୍ଥ୍ୟ । ଝିଅ କହେ, ମାମା ଦି ବେଷ୍ଟ। ସବୁ ସମ୍ଭାଳିନେବ। ମୋତେ ଲଢ଼ିଆସେ, ହେଲେ ନିଜ ଭିତରେ ବାହାରକୁ ଦେଖା ନ ଗଲା ଭଳି। ବାହାରକୁ ଯାହା ଦିଶେ ତାହା ମୋ ପାରିଲାପଣ । କେତେ ଥର ଭାଙ୍ଗି କେତେ ଥର ଯୋଡି ହୁଏ ଏବଂ ପ୍ରତିଥର ନୂଆ ନୂଆ ରୂପ ନେଇ ମୁଁ ଠିଆ ହୋଇ ହେମିଙ୍ଗୱେଙ୍କ ଉପନ୍ୟାସର ସେହି ଧାଡି 'ପ୍ରତିଟି ଦିନ ନୂଆ ଜୀବନ'କୁ ନିଜ ଜୀବନଚର୍ଯ୍ୟାରେ ଦୋହରାଉଥାଏ । ମୁଁ ହାତେ ମାପି ଚାଖଣ୍ଡେ ଚାଲେନି ବରଂ ତତ୍‌କ୍ଷଣାତ ନିଷ୍ପତ୍ତି ଓ ତୁରନ୍ତ କାର୍ଯ୍ୟକାରିତାରେ ବିଶ୍ୱାସ କରି କାମ କରେ। ମୁଁ ବିଦ୍ୟାଳୟ ଚଳାଏ, ପିଲାଙ୍କୁ ପଢାଏ, ଅଭିମାନ ନାଁରେ ନିଜର ପ୍ରକାଶନୀ ସଂସ୍ଥା ଗୋଟେ କରିଛି, ମୁଁ ଚିତ୍ର କରେ, ଲେଖାଲେଖି କରେ, ପତ୍ରିକା ସମ୍ପାଦନା କରେ, ଗୁଡାଏ ଅନୁଷ୍ଠାନ ସହ ଯୋଡି ହୋଇ ସାମାଜିକ କାମ କରେ ଆଉ ଘରେ ମାନବ ସମ୍ବଳ ହୋଇ କାମ କରିପାରେ। ମୋ ଘର ଲୋକ, ଛାତ୍ରୀଛାତ୍ର, ଅଭିଭାବକ, ସାଙ୍ଗସାଥି, ଜନସାଧାରଣ ମୋ ସ୍ୱତନ୍ତ୍ରତା ଓ ପାରିଲାପଣକୁ ପ୍ରଶଂସା କରନ୍ତି ତ ମୋତେ ଜିଣିଗଲା ଭଳି ଲାଗେ।

## ବିଭିନ୍ନ କାମ କରେ ସତ, ହେଲେ ପରିବାରକୁ ଦିଏ ପ୍ରାଥମିକତା: ଅମିତା ସିଂହ(ବାଇକର୍, ଏଣ୍ଟରପ୍ରେନ୍ୟୁର, ଇଣ୍ଟେରିୟର ଡିଜାଇନର୍ ଓ ଲେଖିକା)

ସପ୍ତମ ଶ୍ରେଣୀରେ ପଢ଼ିବାବେଳେ ବାପା ମତେ ତାଙ୍କ ବଜାଜ ଚେତକ ଚଳାଇବା ଶିଖାଇବା ସହ ହାତରେ ଚାବି ଧରେଇ ଦେଇଥିଲେ। ତାକୁ ଚଳାଇବା ପରେ ତାଙ୍କ ରାଜଦୁତ ଚଳାଇଲି। ମୁଁ ଯେତେବେଳେ ଭଲ ମାର୍କ ରଖୁଥିଲି ବାପା ମତେ ଗାଡି ଗିଫ୍ଟ ଦେଉଥିଲେ। ଗ୍ରାଜୁଏଶନ୍‌ରେ ଭଲ କରିବାରୁ ସୁଜୁକି ସାମୁରାଇ ଓ ଏମ୍‌ବିଏରେ ଗୋଲ୍ଡ ମେଡାଲ ପାଇବା ପରେ କାର୍ କିଣିକି ଦେଇଥିଲେ। ଆମ ବଂଶରେ ମୁଁ ହେଉଛି ଏକମାତ୍ର ଝିଅ, ଯେକି ଏତେ ପାଠ ପଢିବା ସହ ଗାଡି ଚଳାଏ। ବିଶାଖାପାଟଣାର ଝିଅ ମୁଁ, ହେଲେ ବାହାଘର ହେଲା ଭୁବନେଶ୍ୱରରେ। ଆଉ ବାହାଘର ପରେ ବଦଳିଗଲା ମୋ ଦୁନିଆ। ଯିଏ ଦିନେ ମୁକ୍ତ ଭାବେ ଉଡି ବୁଲୁଥିଲା ସେ ପୁରାପୁରି ଗୃହିଣୀ ପାଲଟି ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହେଇ ରହିଲା। ଶାଶୁଘରେ କେହି ଜାଣି ନ ଥିଲେ ମୁଁ ବାଇକ୍ ଓ କାର ଚଳାଏ ବୋଲି। ଘରକାମରେ ଦିନ ବିତୁଥିଲା। କାର୍ ଚଳାଇବା ତ ପୂରା ଭୁଲି ଯାଇଥିଲି। ହେଲେ ପିଲାଙ୍କର ଯେତେବେଳେ ପଢା ଆରମ୍ଭ ହେଲା, ଡ୍ରାଇଭର୍ ମିଳିବା ଅସୁବିଧା ହେବାରୁ କାର୍ ଚଳାଇବା ପୁଣି ଶିଖିଲି। ଆଉ ଲାଗିଲା ଧୀରେ ଧୀରେ ମୁଁ ପୁରୁଣା ଜୀବନ ଫେରି ପାଉଛି। ହେଲେ ବାଇକ୍ ଚଳାଇବାର ଇଚ୍ଛା ପୂରା ହୋଇପାରୁ ନ ଥିଲା। ଏଇ ଇଚ୍ଛା ଦିନକୁ ଦିନ ଏତେ ପ୍ରବଳ ହେଲା ଯେ, ୨୦୧୫ରେ ଥରେ ଘରକୁ ଚାବି ନେବାକୁ ଆସିଥିବା ଆମ ଅଫିସ୍‌ର ଷ୍ଟାଫ୍‌ଙ୍କୁ ତାଙ୍କ ବାଇକ୍ ଚାବି ମାଗିଲି। ମୁଁ ଜାଣିବାକୁ ଚାହୁଁଥିଲି ବାଇକ ଚଳାଇବା ମୋର ମନେ ଅଛି ନା ନାହିଁ ବୋଲି। ହେଲେ ଆରାମରେ ଆପାର୍ଟମେଣ୍ଟ ବାଉଣ୍ଡରି ଭିତରେ ମୁଁ ବାଇକ୍ ଚଳାଇଲି। ଏ ଦୃଶ୍ୟ ଦେଖି ପିଲାମାନେ ଭାରି ଖୁସି ହେଲେ। ହେଲେ ରୋଡ୍‌ରେ ବାଇକ୍ ଚଳାଇବାକୁ ଡର ଲାଗୁଥିଲା। ସ୍ୱାମୀ ମୋ ବାଇକ ଚଳାଇବା କଥା ଜାଣି ଖୁସି ହେବା ସହ ମୋ ଡର କମେଇବା ଲାଗି କହିଲେ ତମେ ଆଗରେ ବାଇକ୍‌ରେ ଚାଲ। ମୁଁ ପଛରେ କାର୍ ନେଇକି ଯାଉଛି। ଏମିତି କରିବା ପରେ ରୋଡ୍‌ରେ ଚଳାଇବାର ଭୟ ଦୂର ହେଲା। ପୁଣିଥରେ ମୁଁ ମୋ ପୁରୁଣା ବାଇକର୍ ଅବତାରକୁ ଫେରିଲି। ଜିନ୍ସ, ଟି-ଶାର୍ଟ, ଜ୍ୟାକେଟ୍ ଓ ମୁଣ୍ଡରେ ହେଲ୍‌ମେଟ୍ ପିନ୍ଧି ବାଇକ୍ ରାଇଡ କଲି। ଏହାପରେ ଲେଡି ବାଇକର୍ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିବାର ଝୁଙ୍କ ଉଠିଲା। ତେଣୁ ଓଡିଶା ବାଇକର୍ନି ଗ୍ରୁପ୍‌ର ସଦସ୍ୟାଙ୍କୁ ଭେଟି ତାଙ୍କ ସହ ସାମିଲ ହେଇଗଲି। ଏହି ଗ୍ରୁପକୁ କେମିତି ସାରା ଭାରତରେ ପରିଚୟ ମିଳିବ ଚେଷ୍ଟା କଲି। ଯେତେବେଳେ ଷ୍ଟେଟ୍ ବାଇକ୍ ରାଇଡ ହେଉଥିଲା ଓ ବାଇକରମାନେ ଓଡ଼ିଶା ଦେଇ ଯାଉଥିଲେ ମୁଁ ବାଇକର୍‌ମାନଙ୍କ ସହ ଦେଖା କଲି। ଅନେକ ବାଇକର୍‌ଙ୍କ ସହ ମୋର ପରିଚୟ ହେଲା। ଫଳରେ ଯେବେ ବି ସରକାରଙ୍କ ତରଫରୁ କିଛି ଇଭେଣ୍ଟର ଆୟୋଜନ ହେଲା ସେମାନେ ମତେ ଯୋଗାଯୋଗ କଲେ। ଆଉ ମୁଁ ଓଡିଶାକୁ ପ୍ରତିନିଧିତ୍ୱ କରି ବାଇକ୍ ରାଇଡରେ ଗଲି। ପ୍ରଥମେ ମତେ ମଧ୍ୟପ୍ରଦେଶ ଟୁରିଜିମ୍‌ର ରାଇଡ୍ ମିଳିଲା। ଏହି ରାଇଡ୍‌ରେ ମତେ 'ଏମ୍‌ପି ଟୁରିଜିମ୍ ଟାଇଗ୍ରେସ୍' ଟାଇଟଲ ପ୍ରଦାନ କରାଯାଇଥିଲା। ପରେ ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜନ କରାଯାଇଥିବା 'ୟୁନିଟି ରାଇଡ୍'ର '୭୫ ରାଇଡରସ୍, ୭୫ ଡେଜ୍, ୭୫ ସିଟିଜ୍ କାର୍ଯ୍ୟକ୍ରମରେ ସିଲେକ୍ଟ ହେଲି। ଏଥିରେ କେବଳ ୧୧ଜଣ ଝିଅ ଚୟନ ହୋଇଥିଲେ, ଯେଉଁଥିରେ ଓଡିଶାର ମୁଁ ଥିଲି। ୨୪,୦୦୦ କି.ମି.ର ଏହି ରାଇଡ୍ ପାଇଁ ପୂରା ୩ ମାସ ମତେ ଘର ପରିବାର ଛାଡିବାକୁ ପଡିଥିଲା। ସେତେବେଳେ ମୋ ପୁଅର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଥିଲା। ତଥାପି ମତେ ଘରେ ସମସ୍ତେ ବାଧ କରି ପଠାଇଲେ। ପୁଅ କହିଲା– ପ୍ରମିଜ୍ କରୁଛି ମୁଁ ନିଜେ ମନ ଦେଇ ପଢି ଭଲ ମାର୍କ ଆଣିବି। ତମେ ନିଶ୍ଚିନ୍ତରେ ଯାଇ ରାଇଡ କମ୍ପ୍ଲିଟ କର। ହେଲେ ୧୫ ଦିନ ବେଳକୁ ଯେତେବେଳେ ମନାଲିରେ ପହଞ୍ଚିଲି ଘରକଥା ଭାରି ମନେପଡ଼ିଲା। ଘରେ ସମସ୍ତେ କେମିତି ଚଳୁଥିବେ, କ'ଣ ଖାଉଥିବେ ଭାବି ବ୍ୟସ୍ତ ଲାଗିଲା। ଅନ୍ୟପକ୍ଷେ ପୁଅକୁ ପରୀକ୍ଷା ସମୟରେ ଛାଡି ଆସିଥିବାରୁ ଅପରାଧୀ ପରି ମନେ ହେଲା। ଭାବିଲି ଅଧାରୁ ଛାଡି ଚାଲି ଆସିବି। ହେଲେ ଘରେ ସମସ୍ତେ ବାଧ କଲେ ରାଇଡ୍ କମ୍ପ୍ଲିଟ୍ କର। ପୁଅ କହିଲା– ତମେ ହିଁ ଶିଖେଇଛ ଯାହା ବି କର ତାକୁ ପୂରା କରିବ। ତମେ ନିଜେ କେମିତି ଅଧାରୁ ଫେରିବ। ତେଣୁ ରାଇଡ୍ କମ୍ପ୍ଲିଟ କରିବାକୁ ଅଣ୍ଟା ଭିଡ଼ିଲି। ଏହି ରାଇଡ ବେଳେ ଦୁଇଟି ଦୁର୍ଘଟଣା ହେଇଥିଲା। ଜଣେ ବାଇକର୍ ତ ଲଦାଖରେ ମୃତ୍ୟୁବରଣ କଲେ। ତେଣୁ କିଛି ବାଇକର୍ ଡରି ଅଧାରୁ ଫେରି ଚାଲିଗଲେ। ହେଲେ ଏହି ରାଇଡ୍‌ରେ ଥିବା ଆମେ ୧୧ଜଣ ଝିଅ ନ ଫେରି ରାଇଡ୍ କମ୍ପ୍ଲିଟ କଲୁ। କନ୍ୟାକୁମାରୀରୁ ବାରାଣସୀ ଏବଂ ଗାନ୍ଧୀନଗରରୁ ସିଲଂ ବାଇକ୍‌ରେ ଟ୍ରାଭେଲ କଲୁ। ଏହି ରାଇଡ ବହୁତ କଷ୍ଟକର ଓ ଚ୍ୟାଲେଞ୍ଜିଂ ଥିଲା। ଏହାପରେ ଲେହ-ଲଦାଖ ଅଲ୍ ଇଣ୍ଡିଆ ଓମେନ ରାଇଡ୍‌ରେ ଗଲି। ସିଆଚେନ୍ ଓ ଉତ୍ତରପୂର୍ବ





ଅମିତା ସିଂହ



ଅଙ୍କିତା ମହାନ୍ତି

ଭାରତର ବିଭିନ୍ନ ଦୁର୍ଗମ ରାସ୍ତାରେ ବି ମୁଁ ବାଇକ୍ ରାଇଡ କରିଛି। ତେଣୁ ମତେ 'ଶେରନୀ ଅଫ୍ ଓଡ଼ିଶା' ସମ୍ମାନରେ ବି ସମ୍ମାନିତ କରାଗଲା। ବାଇକ୍ ଚଳାଇବା ବାଦ୍ ସ୍ୱାମୀଙ୍କ ରିୟଲ ଇଷ୍ଟେଟ୍ ବିଜ୍‌ନେସ୍ କଥା ବି ବୁଝେ। ତା'ସହ ଇଣ୍ଟେରିୟର୍ ଡିଜାଇନିଂ କରେ। ଏପର୍ଯ୍ୟନ୍ତ ୧୦୫ଟି ଘରର ଇଣ୍ଟେରିୟର୍ ଡିଜାଇନ୍ କରିସାରିଲିଣି। 'ବେଲି' ମିନେରାଲ ୱାଟର୍ ମାନୁଫାକ୍ଚରିଂ ୟୁନିଟ୍‌ର ପାର୍ଟନର୍ ବି ଅଛି। ତେଣୁ ତା'କଥା ବୁଝିବାକୁ ହୁଏ। ସମୟ ମିଳିଲେ ଗପ, କବିତା, ଶାୟରି ବି ଲେଖେ। ସବୁକିଛିକୁ ଯେମିତି ଠିକ୍‌ଭାବେ ମ୍ୟାନେଜ କରିପାରିବି ସବୁବେଳେ ଚେଷ୍ଟା କରେ। ପ୍ରତିଦିନ ସକାଳୁ ଉଠି ଘରର କାମ ସାରି ମୁଁ ଆମ ଅଫିସ୍‌କୁ ଯାଏ। ସେଠି ଉଭୟ ଇଣ୍ଟେରିୟର ଓ ହାଉସ୍ ଡିଜାଇନିଂ କାମ କରେ। ୱାଟର ପ୍ଲାଣ୍ଟ ସପ୍ତାହକୁ ଦୁଇଥର ଯାଏ। ତା'ଭିତରେ ବାଇକ୍ ରାଇଡ୍ ବି କରେ। ତେବେ ଯେତେ କାମ ଥାଉ ନା କାହିଁକି ପରିବାରକୁ ମୁଁ ସବୁବେଳେ ଗୁରୁତ୍ୱ ଦେଇ ଆସିଛି। ପିଲାମାନଙ୍କୁ ନବମ ଯାଏ ନିଜେ ପଢ଼ାଇଛି। ଶାଶୁ ମୋ ପାଖରେ ୧୮ ବର୍ଷ ଯାଏ ଥିଲେ। ତାଙ୍କର ସେବା ସହ ତାଙ୍କ ମନମୁତାବକ ରୋଷେଇ କରି ଦେଇଛି। ଏବେ ଦୁଇବର୍ଷ ହେବ ସେ ଗାଁରେ ରହୁଛନ୍ତି। ମତେ ଭାରି ଝୁରି ହୁଅନ୍ତି। ବାରମ୍ବାର ପାଖକୁ ଡାକନ୍ତି। ଏମିତିଭାବେ ସବୁକିଛିକୁ ସନ୍ତୁଳନ ରକ୍ଷା କରି ମୁଁ ଆଗେଇ ଚାଲିଛି।

## ପରିବାରର ସମସ୍ତଙ୍କ ଖୁସି ଓ ସମ୍ମାନକୁ ନଜରରେ ରଖି କାମ କରେ: ଅଙ୍କିତା ମହାନ୍ତି (ଆଙ୍କର, ଅଭିନେତ୍ରୀ, ମଡେଲ ଓ ଏଣ୍ଟରପ୍ରେନ୍ୟୁର)

ଭଦ୍ରକର ଝିଅ ମୁଁ। ଆଖିରେ ଥିଲା ଆଖିଏ ସ୍ୱପ୍ନ। ବିଟେକ୍ କଲାପରେ ଚାକିରି ପାଇଁ ଆସିଲି ଭୁବନେଶ୍ୱର। ଓକାକ୍‌ରେ କିଛିଦିନ କାମ କଲି। ହେଲେ ଭଲ ନ ଲାଗିବାରୁ ଛାଡଦେଲି। ଭାଗ୍ୟରେ ବୋଧହୁଏ ମୋ ପାଇଁ କିଛି ଭିନ୍ନ ଲେଖା ଥିଲା। ହଠାତ୍ ମତେ ଆଙ୍କରିଂ ପାଇଁ ଅଫର୍ ଆସିଲା। ପୂର୍ବରୁ ସ୍କୁଲ, କଲେଜରେ ଛୋଟମୋଟ ଆଙ୍କରିଂ କରିଥିଲି। ହେଲେ ପେସାଭାବେ କେବେ କରି ନ ଥିଲି। ତଥାପି ଚ୍ୟାଲେଞ୍ଜ ନେଇ କଲି। ଏହାପରେ ଆହୁରି ଅନେକ ଛୋଟ ଇଭେଣ୍ଟରେ ଆଙ୍କରିଂ କଲି। ପରେ ମୋ ମନ ମଡେଲିଂ ଜଗତ ଆଡ଼କୁ ଢଳିଲା। ଅନେକ ର୍ୟାମ୍ପ ଶୋ' କଲି। ହେଲେ ଭାବିଲି ଆଙ୍କରିଂରେ ହିଁ ଫୋକସ୍ କରିବି। ଏମିତି ଆଙ୍କରିଂ କରୁଥାଏ। ହଠାତ୍ ୨୦୧୭ ମସିହାରେ ମତେ ମିଳିଲା ଫିଲ୍ମର ଅଫର୍। ଫିଲ୍ମଟି ଥିଲା 'ରହସ୍ୟ'। ସେଥିରେ ଅଭିନୟ କରି ନୂଆ ଏକ ଅଭିଜ୍ଞତା ମିଳିଲା। ତା'ସହ ଆଙ୍କରିଂ ବି କରୁଥାଏ। ପରେ ଦ୍ୱିତୀୟ ଚଳଚ୍ଚିତ୍ର 'ଅଙ୍ଗୁର ନ ମିଳିଲେ ଖଟା'ରେ କାମ କଲି। ମୁଁ ସବୁବେଳେ ଏକ୍ସପେରିମେଣ୍ଟକୁ ଭଲ ପାଏ। ନୂଆ ନୂଆ କାମ କରିବାକୁ ଚାହେଁ। ତେଣୁ ସେହିବର୍ଷ ମୁଁ 'ଓପ୍ରା ମିସ୍ ଇଣ୍ଡିଆ ଗ୍ଲୋବାଲ'ରେ ଭାଗ ନେଲି। ଆଉ ଦ୍ୱିତୀୟ ରନର୍ସ ଅପ୍ ହେଲି। ସେହିବର୍ଷ ସ୍ପୋର୍ଟସ୍ ପାଇଁ ଆଙ୍କରିଂ କରିବାର ବି ସୁଯୋଗ ପାଇଲି। ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍‌ସରେ ଅଫିସିଆଲ ହୋଷ୍ଟ ହେବାସହ ହକି ଇଣ୍ଡିଆ ପାଇଁ ହୋଷ୍ଟ ହେଲି। ୟା' ଭିତରେ ତୃତୀୟ ମୁଭି 'ବୁଲ ବୁଲ ପାଣ୍ଡେ'ର ଅଫର୍ ମିଳିଲା। ସେଥିରେ କାମ କଲି। ୨୦୨୨ରେ ପାଇଲି ୱେବ ସିରିଜ'ଗ୍ୟାଙ୍ଗ୍‌ସ ଅଫ୍ ପୁରୀ'ର ଅଫର୍। ଏହାର ଦୁଇଟି ସିଜନ୍‌ରେ କାମ କଲି। ଏହି ୱେବ ସିରିଜ ବହୁତ ହିଟ୍ ହେଲା। ଆଗରୁ ଏତେ ଚଳଚ୍ଚିତ୍ରରେ କାମ କରିଥିଲେ ହେଁ ଅଭିନେତ୍ରୀର ମାନ୍ୟତା ମିଳି ପାରି ନ ଥିଲା। କହିବାକୁ ଗଲେ ୧୦ ବର୍ଷ ପରେ ଏହି ୱେବ ସିରିଜ ପାଇଁ ମୁଁ ଅଭିନେତ୍ରୀର ମାନ୍ୟତା ପାଇଲି। ଏବେ ମୁଁ କାମ କରିଥିବା 'ଲହରୀ' ଚଳଚ୍ଚିତ୍ର ରିଲିଜ ହୋଇସାରିଛି ଓ 'ମୁରବୀ' ଚଳଚ୍ଚିତ୍ର ନଭେମ୍ବରରେ ରିଲିଜ ହେବାକୁ ଯାଉଛି। ଆଙ୍କରିଂ, ମଡେଲିଂ ଓ ଅଭିନୟ ବ୍ୟତୀତ ୨୦୧୬/୨୦୧୭ରୁ ମୁଁ ବ୍ୟବସାୟ ବି କରୁଛି। ସେତେବେଳେ ମୁଁ ମୋ' ମା'ଙ୍କଠୁ ୭୦୦୦ଟଙ୍କା ଧାର ଆଣି 'ଆଙ୍କି ଫ୍ୟାଶନ' ଆରମ୍ଭ କରିଥିଲି। କୋଭିଡ୍ ସମୟରେ ଏହା ବନ୍ଦ ହେଇଯାଇଥିଲା କିନ୍ତୁ ମୁଁ ହାରି ନ ଥିଲି। ଆଙ୍କିକୁ କମ୍ପାନୀରେ ରୂପାନ୍ତର କଲି। ଭୁବନେଶ୍ୱରରେ ଆଉଟଲେଟ୍ ଆରମ୍ଭ କଲି। ଏହାର ୱେବ୍‌ସାଇଟ ତିଆରି କଲି। ଇନ୍‌ଷ୍ଟାଗ୍ରାମ,ଫେସ୍‌ବୁକ୍‌ରେ ମାର୍କେଟିଂ କଲି। ଓଡ଼ିଶା, ଓଡ଼ିଶା ବାହାରର ବିଭିନ୍ନ ପ୍ରଦର୍ଶନୀରେ ଆଙ୍କିର ପ୍ରଡକ୍ଟ ପ୍ରଦର୍ଶିତ କଲି। ମୋ ଆଙ୍କି ଫ୍ୟାଶନ, ଏମ୍‌ଏସ୍‌ଏମ୍‌ଇ ଦ୍ୱାରା ଆପ୍ରୁଭଡ୍ କମ୍ପାନୀ। ତେଣୁ ସରକାରଙ୍କର ବିଭିନ୍ନ ପ୍ରଦର୍ଶନୀରେ ବି ଯୋଗ ଦେଉ। ଏବେ ମୋ ଆଙ୍କି ଷ୍ଟୋରରେ ତିନିଜଣ ଝିଅ କାମ କରୁଛନ୍ତି। ଆମ ଷ୍ଟୋରରେ ହାତ ତିଆରି ଶାଢ଼ି, ଡ୍ରେସ୍, ହାଣ୍ଡ ବ୍ୟାଗ ଆଦି ମିଳେ। ଆମେ କାରିଗରଙ୍କଠୁ ଜିନିଷ ଆଣି ତାକୁ କିଛିଟା କଷ୍ଟମାଇଜ୍ କରି ବିକ୍ରି କରୁ। ଆମ ପ୍ରଡକ୍ଟ ଇକୋ ଫ୍ରେଣ୍ଡଲୀ ଓ ଲଙ୍ଗ ଲାଷ୍ଟିଂ। ଏହାବାଦ୍ କୋଭିଡ୍ ସମୟରେ ମୁଁ ରିୟଲ ଇଷ୍ଟେଟ ବିଜ୍‌ନେସକୁ ବି ଆସିଥିଲି। ପ୍ରଥମେ ଏକ ରିୟଲ ଇଷ୍ଟେଟ କମ୍ପାନୀ ପାଇଁ କାମ କଲି। ଏବେ କିନ୍ତୁ ମୁଁ କାହା ଅଣ୍ଡରରେ କାମ ନ କରି ରିୟଲ ଇଷ୍ଟେଟ କନସଲଟାନ୍ସି କରିଛି। ମୁଁ ରେରା ଆପ୍ରୁଭଡ୍ ଏଜେଣ୍ଟ। ଆପାର୍ଟମେଣ୍ଟ କିଣିବା ପୂର୍ବରୁ ଗ୍ରାହକମାନେ କ'ଣ ସବୁ ଜାଣିବା ଦରକାର ସେ ସମ୍ପର୍କରେ ଭିଡିଓ କରି ସଚେତନତା ସୃଷ୍ଟି କରୁଛି। ଆଉ ଗ୍ରାହକଙ୍କୁ ବଜେଟ୍‌ରେ ଘର ଯୋଗାଉଛି। ତା'ଛଡ଼ା ମୁଁ ବିବାହିତା ମଧ୍ୟ। ଘର ପାଇଁ ବି ମୋର ଦାୟିତ୍ୱ ଓ କର୍ତ୍ତବ୍ୟ ଅଛି। ସର୍ବପ୍ରଥମେ ତାକୁ କେମିତି ଭଲଭାବେ ତୁଲାଇବି ଚେଷ୍ଟା କରେ। ସକାଳୁ ଉଠି ଘରର ସବୁ କାମ ସାରି ଆସାଇନ୍‌ମେଣ୍ଟ ଅନୁଯାୟୀ କେତେବେଳେ କ'ଣ କରିବାକୁ ହେବ ମାନସିକଭାବେ ପ୍ରସ୍ତୁତ ହୁଏ। ଘରଝାଡୁ ପୋଛା, ରୋଷେଇ ସବୁ କରେ। ପରେ ସେଡ୍ୟୁଲ ଅନୁସାରେ କାମ ଆରମ୍ଭ କରେ। ତା'ସହ ଶାଶୁଘରେ ବୋହୂଭାବେ ମୋଠୁ ସେମାନେ ଯାହା ଆଶା କରନ୍ତି, ତାକୁ ମୁଁ ଶତ ପ୍ରତିଶତ କରିବାକୁ ଚେଷ୍ଟା କରେ। ଖାଣ୍ଟି ଓଡ଼ିଆଣୀ ବୋହୂଭାବେ ସବୁ ପୂଜାପାର୍ବଣ କରେ। ଘରର ସବୁ ଉତ୍ସବରେ ସାମିଲ ହୁଏ। କାହାରି ମନରେ ଯେମିତି ମୋ ପାଇଁ କଷ୍ଟ ନ ଆସୁ ସେଥିପ୍ରତି ନଜର ରଖେ। ସେଥିପାଇଁ ସମସ୍ତେ ମତେ ଭଲ ପାଆନ୍ତି। ମୋ କାମକୁ ନେଇ କେବେ ଅପୋଜ୍ କରନ୍ତି ନାହିଁ। ଏମିତି କି ଫାବ ମିସେସ୍ ଇଣ୍ଡିଆରେ ଭାଗ ନେବାକୁ ବି କେହି ମନା କରି ନ ଥିଲେ। ସମସ୍ତଙ୍କ ସପୋର୍ଟ ଯୋଗୁ ମୁଁ ଭାରତର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିଯୋଗୀଙ୍କ ଭିତରେ ନିଜକୁ ପ୍ରମାଣିତ କରିପାରିଲି। ଆଉ ଫାର୍ଷ୍ଟ ରନର୍ସ ଅପ୍ ହେବାସହ ବେଷ୍ଟ ଫଟୋଜେନିକ ଟାଇଟଲ୍ ବି ଜିତିଲି।'

## ଥିଏଟର୍‌ରେ ଅଭିନୟ କରୁକରୁ ନାଟକ ଲେଖିବା ଆରମ୍ଭ କଲି: ଏ. ରାମେଶ୍ୱରୀ(ମଡେଲ, ଅଭିନେତ୍ରୀ ଓ ନାଟକ ଲେଖିକା)

ଏ. ରାମେଶ୍ୱରୀ



କୋରାପୁଟର ଝିଅ ମୁଁ। ମାତ୍ର ଛଅମାସର ହେଇଥିବାବେଳୁ ବାପା ଚାଲିଯାଇଥିଲେ। ମା' କ୍ୟାଟରିଂ ବିଜ୍‌ନେସ୍ କରି ଆମ ଦୁଇ ଭଉଣୀଙ୍କୁ ବଡ଼ କରିଛନ୍ତି। ଅନେକ ଅଭାବ ଅସୁବିଧା ଥିଲା ସତ, ହେଲେ ମା' ଆମର ସବୁ ଇଚ୍ଛା ପୂରଣ କରିଛନ୍ତି। ପିଲାଦିନେ ମୁଁ ନାଚିବା ସହ ଟିକେ ଟିକେ କଥାରେ ଡ୍ରାମା କରୁଥିଲି। ସେଥିପାଇଁ ମା' ମତେ ନାଚ ଶିଖାଇଲେ। ଯାହାକି ପରେ ମୋ କ୍ୟାରିୟରର ପ୍ରଥମ ପାହାଚ ପାଲଟିଲା। ଅର୍ଥାତ୍ ମୋ କ୍ୟାରିୟର ଆସିଷ୍ଟାଣ୍ଟ କୋରିଓଗ୍ରାଫରରୁ ଆରମ୍ଭ ହେଲା। କୋରାପୁଟ୍‌ରେ ଏକ ସୁଟ୍‌ରେ ମୁଁ ଯାଇଥିଲି ଦେଖିବାକୁ। ହେଲେ ସେଠି ଡାଇରେକ୍ଟର ମତେ କୋରାପୁଟିଆ ନାଚରେ ଆସିଷ୍ଟ କରିବାକୁ କହିଥିଲେ। ଆଉ ମୁଁ କରିଥିଲି। ଏହାପରେ ଆଉ ଏକ ମୁଭିରେ ବି ଆସିଷ୍ଟାଣ୍ଟ କୋରିଓଗ୍ରାଫର୍ ଭାବେ କାମ କଲି। ସେଇଠି ମତେ କେତେଜଣ କହିଲେ, ତୁମର ହାଇଟ୍ ଭଲ ଅଛି ଦେଖିବାକୁ ବି ସୁନ୍ଦର। ତମେ ମଡେଲିଂ କରୁନ। ସେଇଠୁ ହିଁ ମଡେଲିଂ କରିବାର ଇଚ୍ଛା ହେଲା। ଖବରକାଗଜ ବିଜ୍ଞାପନରୁ ଦେଖି ମାତ୍ର ୧୬ ବର୍ଷ ବୟସର ହୋଇଥିବାବେଳେ ରାୟଗଡ଼ାରେ ମଡେଲିଂ ପାଇଁ ଅଡିଶନ୍ ଦେଇ ସିଲେକ୍ଟ ହେଲି ଓ ହାଇଦ୍ରାବାଦରେ ଯାଇ ମଡେଲିଂ କଲି। ପରେ ଭୁବନେଶ୍ୱର ଫେରି ପାଣ୍ଟାଲୁନ୍ସ, ମାକ୍ସ, ସେଣ୍ଟ୍ରାଲ ସହ ଅନେକ ଜୁଏଲେରି ପାଇଁ ମଡେଲିଂ କଲି। ପରେ ଅଧିକ କାମ ପାଇବା ପାଇଁ ଭୁବନେଶ୍ୱରର ଏକ ହଷ୍ଟେଲରେ ରହିଲି। ମଡେଲିଂ ସହ ଯୁକ୍ତ୨ ପଢା ଚାଲିଲା। ପରେ ବାଣୀବିହାରରେ ଯୁକ୍ତ୩ କଲି। ଏହା ଭିତରେ ଅଭିନୟ ପ୍ରତି ବି ଇଚ୍ଛା ହେଲା। ହେଲେ ଭାଷାରେ ସମସ୍ୟା ଥିଲା। ଅଭିନୟ କେମିତି କରାଯାଏ ବି ଜାଣି ନ ଥିଲି। ତେଣୁ ବହୁତ ଜାଗାରେ ରିଜେକ୍ଟ ହେଲି। ଶେଷରେ ନିଷ୍ପତ୍ତି ନେଲି ପ୍ରଥମେ ନିଜକୁ ଭଲରେ ପ୍ରସ୍ତୁତ କରିବି। ତେଣୁ ଓଡ଼ିଆ କହିବା ଭଲରେ ଶିଖିଲି। ତା'ସହ ଅଜିତ ଦାସଙ୍କ ଆକ୍ଟିଂ ସ୍କୁଲରେ ଅଭିନୟ ଶିଖିଲି। ଥିଏଟର୍‌ରେ ରେବତୀ, ଅପେକ୍ଷା, ଶେଷ ପାହାଚ, ଅବୁଝା ଲୁହ ଭଳି କାହାଣୀରେ ଅଭିନୟ କଲି। ଏହାପରେ 'ବିଜୟିନୀ' ସିରିଏଲରେ ଭ୍ୟାମ୍ପ ରୋଲ୍ କରିବାର ସୁଯୋଗ ମିଳିଲା। ଦର୍ଶକ ବହୁତ ଭଲ ପାଇବା ଦେଲେ। ଥିଏଟରରେ କାମ କରିବା ସମୟରେ ହିଁ ଲେଖାଲେଖି ପ୍ରତି ରୁଚି ବଢିଲା। ନାଟକ କେମିତି ଲେଖାଯାଏ ଜାଣିଲି। ଆଉ ଲେଖିବା ଆରମ୍ଭ ହେଲା। ପ୍ରଥମେ କବିତା ଓ ପରେ ଲେଖିଲି ନାଟକ। ମୋ ନାଟକ 'ରଙ୍ଗ ବଜାରର ରଙ୍ଗ ନାୟିକା' ଶିବାନୀ ଗଣନାଟ୍ୟରେ ମଞ୍ଚସ୍ଥ ହୋଇଥିଲା। ଲୋକଙ୍କୁ ବହୁତ ପସନ୍ଦ ହେଲା। ଏହାପରେ ଆହୁରି ନାଟକ ଲେଖିବାର ଅଫର ଆସିଲା। ଏବେ ବି ମୁଁ ଏକ ନାଟକ ଲେଖାରେ ବ୍ୟସ୍ତ ଅଛି। ତା'ସହ 'ହ୍ୟାସ୍‌ଟ୍ୟାଗ ଫ୍ୟାମିଲି' ନାମକ ଏକ ଉପନ୍ୟାସ ଲେଖୁଛି। ମୋର ବିବାହ ବି ହୋଇଯାଇଛି। ବ୍ୟବସାୟୀ କୃତିକ୍ ସାହୁଙ୍କୁ ବିବାହ କରିଛି। ଘରର ଦାୟିତ୍ୱ ତୁଲାଇବା ସହ ଲେଖାଲେଖି ଚାଲିଛି। ଥିଏଟରରେ ଅଭିନୟ କରୁଛି। ସିରିଏଲର ଅଫର୍ ଆସୁଛି। ନାଟକ ଲେଖା ସରିଲେ କରିବି।

'କରିପାରିବିନି' ଶବ୍ଦ ବୋଧହୁଏ ଏହି ନାରୀମାନଙ୍କ ଶବ୍ଦକୋଷରେ ନାହିଁ। ସମୟର ଖୁବ୍ ସୁନ୍ଦର ସଦୁପଯୋଗ କରିଛନ୍ତି। ଭିନ୍ନ ଭିନ୍ନ କ୍ଷେତ୍ରରେ କାମ କରିଛନ୍ତି। ଆଉ ନିଜ ଦକ୍ଷତାକୁ ପ୍ରମାଣିତ କରିଛନ୍ତି।

-ଶିବାନୀ ମହାନ୍ତି



# ପାର୍ବଣ

– ଦୀପ୍ତିମୟୀ ଶତପଥୀ

ଆରବର୍ଷ ପୂଜାରେ କେତକୀ ବାବୁଘରେ ଜଗୁଆଳି ହେଇ ରହିଯାଇଥିଲା। ବାବୁଘର ଫେରିଲେ ରାତି ଏଗାର ପରେ, ମେଢ଼ ଦେଖି, ବାହାରେ ଖିଆପିଆ ସାରି। ଭୋଗ ଧରି କେତକୀ ଧାଇଁଥିଲା ଘରକୁ। ମନୀଷା ଶୋଇପଡ଼ିଥିଲା ପୁରୁଣା କଣ୍ଢେଇଟେ ଧରି। ଆଖିକଣରେ ଲୁହଧାରଟେ ଶୁଖିଯାଇଥିଲା। ଏବର୍ଷ ସବୁତକ ଦଶହରା ପଇସା ସେ ରଖିଚି ମନୀଷା ପାଇଁ। ଖୁଣ୍ଟିଖୁଣ୍ଟି ସୁଖ ପୁଳେ କିଣିଦେବ ଝିଅ ପାଇଁ। କେତେକ'ଣ ଭାବିସାରିଚି.... ପାଉଁଜି, ଫ୍ରକ୍, କାନଫୁଲ। ମନୀଷା ବାପା ପଞ୍ଚୁ ଏଥର ଆସୁଚି ଛୁଟିନେଇ ହାଇଦ୍ରାବାଦରୁ। ମିଶିକି ପୂଜାବଜାର ବୁଲିବେ। ମନୀଷାର ଏବର୍ଷ ଚତୁର୍ଥ ଶ୍ରେଣୀ। ଗୁରୁମା କହୁଥିଲେ, ତା'ର ପାଠ ଭଲ ହଉଚି। ମନୀଷା କହୁଥିଲା, କାମରୁ ତା'ର ଫେରିବା ଡେରି ହେଲେ ତାକୁ ଡର ଲାଗୁଚି। ପଢ଼ାରେ ମନ ଲାଗୁନି। କେତକୀ ବାବୁଘର ଆଉଟହାଉସ୍‌କୁ ଚାଲିଯିବ ଏଥର। କାମ ଅଧିକ କରିବ ସିନା ମନୀଷା ପାଖରେ ରହିବ।

ପୂଜାରେ ମନୀଷା ସେମାନଙ୍କୁ ଗୋଟେ ଜାଗାକୁ ନେଇଗଲା। ସେଇଟା ଥିଲା, କରାଟେ ସ୍କୁଲ। କହିଲା, ''ମୋର ଏଠି ନାଁ ଲେଖେଇଦିଅ। ପାଠ ସାଙ୍ଗେ ପାଉଁଜି, ଚୁଡ଼ି ନୁହଁ, ଏଇ ବିଦ୍ୟାଟି ଭାରି ଜରୁରୀ।'' କେତକୀ ଆଉ ପଞ୍ଚୁ ଭାବୁଥିଲେ, ଆମ ଝିଅଟା କେଡ଼େ ସିଆଣି ସତରେ।

–ବାସୁଦେବ ନଗର, ୩ୟ ଗଳି
(ଗଜପତି ନଗର), ବ୍ରହ୍ମପୁର–୧୦

ମା', ଶକ୍ତି ସ୍ୱରୂପିଣୀ। ଦୁନିଆର ପ୍ରତିଟି ନାରୀ ସତ୍ତା ଭିତରେ ଥାଆନ୍ତି ପାଳନକର୍ତ୍ତୀ ହୋଇ। ଜନନୀ, ଭଗିନୀ, ଜାୟା, କନ୍ୟା ଆଦି ନାରୀର ସମସ୍ତ ରୂପରେ ଉଦ୍‌ଭାସିତ ହୁଏ ତାଙ୍କ ଦିବ୍ୟ ରୂପ...

# ଦେବୀ-ଧାରେ ହସ

– ଲକ୍ଷ୍ମୀ ଚାନ୍ଦ୍

ତୁ ତ ହସିବୁ ଇ। ହସିବା ପାଇଁ ପରା ତୋତେ ଏଇଠି ଛିଡ଼ା କରାଯାଇଛି। ଦେବୀର ମୁଖାଟିଏ ପିନ୍ଧାଇ ଦିଆଯାଇଛି। ଦେବୀଙ୍କ ମୁହଁକୁ ଚାହିଁ ରୁଷିତା କହିଲା। ଦେଖ୍ ମୋ ମୁହଁରୁ କେମିତି ଧାର ଧାର ଦୁଃଖ, ରାଗ, ରୁଷା, ମାନ ଅଭିମାନ ନିଗିଡ଼ିପଡୁଛି। ତା' ଭିତରେ ଆଖି ଜଡ଼େଇ ଦେଖ୍ ଅଛି କୋଉଠି ଟିକେ ଖୁସି ଯେ ହସିବି ତୋ ପରି ? ଘର, ପରିବାର, ଅଫିସ, ସାହିତ୍ୟ ହେଇ ମୁଁ କେତେ ଅଣନିଃଶ୍ୱାସୀ। ଏଥିରେ ହର୍ଷ କହୁଛନ୍ତି, ମୋତେ ହସି ଆସେ ନାହିଁ। ଆସେ ନାହିଁ ତ ଆସେ ନାହିଁ କ'ଣ ହେଲା ସେଇଠୁ। ନ ହସି ବି ମୁଁ ଅର୍ଦ୍ଧ ଶତାବ୍ଦୀ ଧରି ବଞ୍ଚିଛି । ଆଉ ବି କିଛି ଆଗକୁ ବଞ୍ଚିଯାଇପାରେ। କାଲି କଥା ଦେଖୁନୁ। ମାଆ–ବିସ୍ତର ଛାଡ଼ିଲି ତ ବିରକ୍ତ ଲାଗିଲା। ମୋବାଇଲରେ ମେସେଜ ଆସିଥିଲା–ଶୀଘ୍ର ଟିକେ ଅଫିସକୁ ଆସିବ ନୂଆ ପ୍ରୋଜେକ୍ଟ ଆସିଛି, ମିଟିଂ ହେବ। ରାଗ ଲାଗିବ କି ନାଇଁ ? ଖାଏ କି ନ ଖାଏ ସବୁଦିନ ତ ୧୦ଟାରେ ଅଫିସ୍‌ରେ ହାଜର ହେଉଛି। ଆଉ କେତେ ଶୀଘ୍ର ଯିବି ? ଘରେ କହିଲି ତ ସମସ୍ତେ କହିଲେ ଆମେ ଆଡ୍‌ଜଷ୍ଟ କରିନେବୁ, ତୁମେ ଯାଅ। ଆହୁରି ଚିଡ଼ିଲାଗିଲା ନିଜ ଅସହାୟତା ପାଇଁ। ଘର ପାଇଁ କିଛି କରିବାକୁ ଚାହୁଁଛି ଅଥଚ କରିପାରୁନି। ସେମାନେ ସିନା କହିଦେଲେ ଆଡ୍‌ଜଷ୍ଟ କରିନେବୁ ବୋଲି କିନ୍ତୁ ସତରେ କରିବେ କି, କଲେ ବି ମୋତେ ଦୟା କଲାପରି ହେଲାନି କି ? ସେଇ କଥା ଭାବି ମୁଁ ଦୁଃଖୀ ହୁଏ ଓ ହସ ମୋ ମୁହଁରୁ ଲିଭିଯାଏ। ଏଇଟା ପରୋକ୍ଷରେ ମୋ ପ୍ରତି ଅମାନବିକତା ନୁହେଁ କି ? ହର୍ଷ କୁହେ, ତୁମ ମୁହଁରେ ଟିକେ ହସ ଦେଖିଲେ ଆମର ଆତ୍ମବିଶ୍ୱାସ ବଢ଼ିଯାଆନ୍ତା। ଘର ଘର ପରି ଲାଗନ୍ତା। କିଏ ବୁଝୁଛି ଆଜିକାର ମହିଳାମାନେ କେତେ ଚାପରେ ରହୁଛନ୍ତି। ହସିବା ପାଇଁ ବଳିଷ୍ଠ କାରଣ ଦରକାର। ନ ହେଲେ ସହଜେ ହସ ଉତୁରେ ନାହିଁ ମୁହଁରୁ। ଘର ପରିବାର ଚିନ୍ତା ବ୍ୟତୀତ ସୋସିଆଲ ମିଡିଆ ପୋଷ୍ଟିଂ ଓ କଳହ ଚିନ୍ତା, ଲାଇକ କମେଣ୍ଟ ଚିନ୍ତା, ଅମାନିଆ ପିଲା ଓ ଅନ୍ୟମନସ୍କ ସ୍ୱାମୀଙ୍କ ଚିନ୍ତା... ଆହୁରି କେତେ କ'ଣ ? ଏତେ ଭିତରେ କେହି ହସିପାରେ। ଝରିପାରେ ମୁହଁରୁ ହସ ଧାରେ ?
ଅଚାନକ ରୁଷିତାକୁ ଲାଗିଲା ଦେବୀ ଆହୁରି ହସୁଛନ୍ତି । ଏତେ ଅଭିଯୋଗ କଲାପରେ ତୋ ମୁହଁରେ ଆହୁରି ହସ ଲୋ ମାଆ ? ହଉ ହସ ହସ। ଆରାମରେ ବସିଯାଇଛୁ, ୪ଦିନ ଏଇନେ ହୋଲ୍ ନାଇଁ କି ଡୋଲ୍ ନାଇଁ। ଫୁଲଫଳ, ଧୂପଦୀପ, ଚନ୍ଦନ ବାସ୍ନାରେ ଚହକି ଉଠିବୁ। କୋଉଠୁ କେମିତି ଆମକୁ ଦିନଟିଏ ମିଳନ୍ତା ଭଲା। ନିଜକୁ ନିଜେ କହିଲା ରୁଷିତା। ତାକୁ ଲାଗିଲା ଦେବୀ କହୁଛନ୍ତି–ଘରଟିଏ ସମ୍ଭାଳୁଛୁ ବୋଲି ଏତେ ଅଭିଯୋଗ ? ଚିନ୍ତାକର ମୁଁ ସାରା ଦୁନିଆକୁ ସମ୍ଭାଳୁଛି। ମୋତେ କେତେ କଷ୍ଟ ହେଉଥିବ। ତଥାପି ମୁଁ ହସୁଛି। କାହିଁକି ଜାଣୁ–ଏ ଧାରକ ହସ ହିଁ ମୋ ସକଳ ଶକ୍ତିର ଆଧାର, ମୋ ଆତ୍ମବିଶ୍ୱାସର ପରିଚୟ। ମୁହଁରେ ଧାରେ ହସ ଫୁଟେଇ ତୁ ବି ଆହୁରି ଶକ୍ତିଶାଳୀ ହୋଇଯା, ସବୁରି ଭିତରେ ବଞ୍ଚିବାକୁ ହୁଏ। ବଞ୍ଚିଯା। ରୁଷିତା ମାଆଙ୍କ ମୁହଁକୁ ଚାହିଁଲା... ସତେ ତ... ସାରା ଦୁନିଆକୁ ସମ୍ଭାଳୁଥିଲେ ବି ମାଆ ଆଦୌ ବ୍ୟସ୍ତ ବିବ୍ରତ କି ବିରକ୍ତ ନୁହେଁ। ବରଂ ମୁହଁରେ ଧାରେ ହସ ମାଖି ଭକ୍ତଙ୍କୁ ଅଭୟ ଦେଉଥାଏ। ତା' ମୁହଁ ବି ଆପେ ଆପେ ହେଇଗଲା ହସ ହସ। ତାକୁ ଖୁବ୍ ଗୋଟେ ହାଲୁକା ଲାଗିଲା। ସାରା ଆକାଶରେ ଡେଣା ବିସ୍ତାରକରି ଉଡ଼ିବାକୁ ଇଚ୍ଛାହେଲା।

–ଭୁବନେଶ୍ୱର
ମୋ: ୮୯୧୭୫୯୫୯୧୫





# ଦେବୀ

## ଦେବୀ

**– ହୃଷୀକେଶ ମଲ୍ଲିକ**

ଧବଳ ଧୋ ଧୋ ଶାଢ଼ି ପିନ୍ଧି
ତୁ' ଓହ୍ଲେଇ ଆସୁ ସେଇ ଖେଳ ଖେଳିବାକୁ
ଅଧୋମୁଖ ହୋଇ ପ୍ରସାରି ଦେଉ
ତୋର କ୍ଷିତି, ଅପ୍, ତେଜ୍, ମରୁତ୍ ବ୍ୟାପି କାୟା
ଟହ ଟହ ହସରେ ତୋର ସ୍ତିମିତ ହୋଇଯାଏ ମୁଁ
ମଇଁଷି ରଙ୍ଗର ଅନ୍ଧାରରେ ଉଗୁଡ଼େଇ ପଡ଼େ
ଶରତ ଆକାଶର ଜହ୍ନ
କାଶତଣ୍ଡୀ ଭରା ନଈପଠାରେ
ବିଚରି ଯାଏ, ମୃତ୍ୟୁମୟ ନୀରବତା...
*–ଭୁବନେଶ୍ୱର, ମୋ:୯୮୫୩୨୮୭୭୫୫*

***

## ଦେବୀ

**–ଅପର୍ଣ୍ଣା ମହାନ୍ତି**

ଏବେ ,
ଦେବୀ ଅବତରଣର ବେଳ ।

ଗୋଟିଏ ଆଖି ଅଭୟା
ଆରଟି ନିର୍ଭୟା

ଗୋଟିଏ ଆଖିରେ ଲୁହ
ଆରଟିରେ ନିଆଁ,
ଗୋଟିଏ ଆଖିରେ ପ୍ରେମ
ଆରଟିରେ ରକ୍ତ ଟଳମଳ ।

ଯେତେ ବେଶି କ୍ଷତ ବିକ୍ଷତ
ଛଟପଟ ହେବ ତୁମ ଅନ୍ତରାତ୍ମା
ଚେତନାର ଅନ୍ଧପଣ
ଯେତେ ହେବ ଆକୁଳ–ବିକଳ
ସେତିକି ମିଳିବ ତୁମକୁ
ଦେବୀ ଆରାଧନାର
ମହାପୁଣ୍ୟଫଳ... ।
*–କପାଳେଶ୍ୱର, କେନ୍ଦ୍ରାପଡ଼ା, ମୋ: ୯୪୩୭୧୨୮୩୧୬*

***

## ଦେବୀ

**– କୃଷ୍ଣ କୁମାର ମହାନ୍ତି**

ଯେବେ ଯେବେ ଫେରେଇ ଦେଇଛି ମୁଁ
ଭୋକ ଓ ଭାଗ୍ୟକୁ
ଉପବାସ ମୋର ଅଙ୍ଗବାସ ହୋଇ
ଘୋଡ଼େଇ ନେଇଛି ମୋତେ
କାହାକୁ ଦେଇଛି କେତେ
କିଏ ବା ନେଇଛି କେତେ
ସେସବୁ ଏବେ କୁବ୍ଜ ପରି ଫୁଟିଛି ମୋ ସର୍ବାଙ୍ଗରେ ।
ମୁଁ କେବଳ ଦେବୀଟିଏ ପରି ନିର୍ବାକ
ମୋତେ ନଦୀଟିଏ କରି ଖଞ୍ଜିଦିଅ
ମୋ ଦେହରେ ଏବେ ପ୍ରଖର ସୁଅ ।
*–କଳିଙ୍ଗନଗର, ବାଲେଶ୍ୱର*
*ମୋ: ୭୦୦୮୮୪୫୯୨୦*

***

## ମାଆ

**–କମଳାକୃଷ୍ଣ ତ୍ରିପାଠୀ**

ତୁ କେଉଁଠି ଥାଉ କେଜାଣି
କେବଳ ତୋର ସ୍ମରଣରେ ଉଭାନ ହୋଇଯାଏ
ଦୁଃଖ ଯନ୍ତ୍ରଣାର ଠିକଣା,
ତୋର ଶକ୍ତି କଥା ଭାବି ପକେଇଲେ
ହରାଇଥିବା ସାମର୍ଥ୍ୟ
ଫେରିଆସି ଲାଖି ହୋଇଯାଏ
ଛାତିତଳ ପଞ୍ଜୁରି ଭିତରେ ।
ମା' ତୋର ଅଭୟ ହାତ ଦେଖିଲେ
ମୋର ଜନ୍ମ ଜନ୍ମର ଦୁଃଖ ମାନେ
ଲମ୍ଫଦେଇ ଚମ୍ପଟ ମାରନ୍ତି ଓ
ଶରଣ ପଶନ୍ତି ନର୍କରେ ।
*–ସର୍ଜନାଳୟ, ଲିଙ୍କ ରୋଡ୍, ଜୟପୁର*
*ମୋ: ୯୯୩୭୦୧୪୮୬୩*

***

## ମା'

**–ସର୍ମିଷ୍ଠା ସାହୁ**

ମୋ ଘରଠୁ ତୋ ପୀଠର ଦୂରତ୍ୱ
ବେଶି ନୁହେଁ ମାଁ,
ତଥାପି ମୁଁ ପହଞ୍ଚି ପାରେନା ।
ବାହାରେ ଅପୂର୍ଣ୍ଣ ମନସ୍କାମନାମାନଙ୍କର ଭିଡ଼
ଗୋଟେ ଯୁଦ୍ଧକ୍ଷେତ୍ର ପରି ଲାଗେ ।
ତୋ ଆଡ଼େ ବହୁଥିବା ମୋର ଏକାଗ୍ରତା
ସେଇଠି ହିଁ ଭାଙ୍ଗେ ।
*–ଓମ୍ ପ୍ଲାଜା, ଅନୁଗୋଳ*
*ମୋ: ୯୩୪୮୫୨୧୨୮୫*





# ବିରୋଧ କରୁଥିଲେ ବାପା

କରିସ୍ମା କପୁର ଅଭିନୟରେ କେତେ ଦକ୍ଷ ତାହା ସମସ୍ତେ ଜାଣନ୍ତି । କଳାକାର ପରିବାରରେ ତାଙ୍କର ଜନ୍ମ । ତେଣୁ ଛୋଟବେଳୁ ଅଭିନୟକୁ କ୍ୟାରିୟର କରିବେ ବୋଲି ସ୍ଥିର ମଧ୍ୟ କରିସାରିଥିଲେ । ହେଲେ ତାଙ୍କର ଏଭଳି ନିଷ୍ପତ୍ତିକୁ ଦୃଢ଼ ବିରୋଧ କରୁଥିଲେ ତାଙ୍କର ବାପା ରଣଧୀର କପୁର । ମା’ ବବିତା କିନ୍ତୁ କରିସ୍ମାଙ୍କ ସପକ୍ଷରେ ଠିଆ ହୋଇଥିଲେ । ଶେଷରେ ନିଜ ନିଷ୍ପତ୍ତିରେ ଅଟଳ ରହିଥିବା କରିସ୍ମା ଆକ୍ଟିଂ ଦୁନିଆରେ ପାଦ ରଖିଥିଲେ । ତାଙ୍କର ନିକ୍ ନେମ୍ ଥିଲା ଲୋଲୋ । ଏହା ଜଣେ ଇଟାଲିଆନ୍ ଅଭିନେତ୍ରୀ ଜିନା ଲୋଲୋବ୍ରିଗଡାଙ୍କ ନାମାନୁସାରେ ତାଙ୍କର ନାମକରଣ କରାଯାଇଛି । ବଲିଉଡ୍‌ରେ ସେ ଅଭିନୟ କରିଥିବା ସଫଳ ସିନେମାର ତାଲିକା ବେଶ୍ ଲମ୍ବା । ୟଶ ଚୋପ୍ରାଙ୍କ ‘ଦିଲ୍ ତୋ ପାଗଲ ହେ’ ତାଙ୍କର ସ୍ମରଣୀୟ ସିନେମା ମଧ୍ୟରୁ ଅନ୍ୟତମ । ଏହି ଫିଲ୍ମ ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା । ହେଲେ ତାଙ୍କ କ୍ୟାରିୟର ମଧ୍ୟରେ ସେ କେତୋଟି ଭଲ ଅଫର ପ୍ରତ୍ୟାଖ୍ୟାନ କରିଥିଲେ । ତନ୍ମଧ୍ୟରୁ ଅନ୍ୟତମ ଥିଲା ‘ଗୁପ୍ତ’ । ହିଟ୍ ସାବ୍ୟସ୍ତ ହୋଇଥିବା ଏହି ଫିଲ୍ମରେ କରିସ୍ମା ଅଭିନୟ କରିବାକୁ ମନା କରିବାରୁ ତାଙ୍କ ସ୍ଥାନରେ ମନୀଷା କୋଇରାଲାଙ୍କୁ ନିଆଯାଇଥିଲା ।


କରିସ୍ମା

# ପୁଣି ଅପେକ୍ଷା..


ତ୍ରିପ୍ତି ଡିମରି

ସତରେ ଅପେକ୍ଷା କରିବା ଭାରି କଷ୍ଟ । ହେଲେ ଆଉ କିଛି ଉପାୟ ନାହିଁ । ଫିଲ୍ମଟିର ରିଲିଜ ଏବଂ ସଫଳତାକୁ ନେଇ ଢ଼େର ଆଶା ବାନ୍ଧିଛନ୍ତି ତ୍ରିପ୍ତି ଡିମରି । କାରଣ ଏହି ଫିଲ୍ମରେ ତାଙ୍କୁ ପ୍ରଥମ ଥର ପାଇଁ ଶାହୀଦ କପୁରଙ୍କ ସହ ଦେଖିବାକୁ ମିଳିବ । ଚଳିତ ବର୍ଷ ଡିସେମ୍ବର ୫ରେ ଏହି ଫିଲ୍ମ ରିଲିଜ ହେବ ବୋଲି ଘୋଷଣା କରାଯାଇଥିଲା । କିନ୍ତୁ ସେହି ସମୟରେ ଆଉ କେତୋଟି ବିଗ୍ ବଜେଟ୍ ସିନେମା ପରଦା ଉପରକୁ ଆସୁଥିବାରୁ ପ୍ରଯୋଜକ ଏହି ରିଲିଜ ଡେଟ୍‌କୁ କ୍ୟାନସେଲ କରିଛନ୍ତି । ହେଲେ ଏଥର ଗୋଟିଏ ଭଲ ଦିନ ଧାର୍ଯ୍ୟ ହୋଇଛି । ଆସନ୍ତା ବର୍ଷ ଭାଲେଣ୍ଟାଇନ୍ ଡେ’ରେ ଏହି ସିନେମା ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ସାଜିଦ ନାଦିଆଦୱାଲାଙ୍କ ପ୍ରଯୋଜିତ ଏହି ସିନେମାର ଶୁଟିଂ ଚଳିତ ବର୍ଷ ଜାନୁୟାରୀ ୬ରେ ଆରମ୍ଭ ହୋଇଥିଲା ଏବଂ ଅଗଷ୍ଟ ୩୧ରେ ଶେଷ ହୋଇଥିଲା । ଫିଲ୍ମଟିର ନିର୍ଦ୍ଦେଶନା ଦେଇନ୍ତି ବିଶାଳ ଭରଦ୍ୱାଜ । ଏହି ଫିଲ୍ମ ବିଷୟରେ ତ୍ରିପ୍ତି କହନ୍ତି, ‘‘ମୁଁ ପ୍ରଥମ ଥର ପାଇଁ ଏଥିରେ ଶାହୀଦଙ୍କ ସହ ସ୍କ୍ରିନ୍ ସେୟାର କରିଛି । କେବଳ ସେତିକି ନୁହେଁ, ଫିଲ୍ମଟିରେ ମୋ ଭୂମିକାକୁ ଦର୍ଶକ ନିଶ୍ଚୟ ଭଲ ପାଇବେ ଦେବେ ବୋଲି ଆଶା ରଖିଛି । ଆସନ୍ତାବର୍ଷ ଭାଲେଣ୍ଟାଇନ୍‌ସ ଡେ’ରେ ଏହା ରିଲିଜ ହେବାକୁ ଯାଉଛି ।’’ ଏଥିରେ ଶାହୀଦ ଏବଂ ତ୍ରିପ୍ତିଙ୍କ ବ୍ୟତୀତ ନାନା ପାଟେକର ଏବଂ ଦିଶା ପଟାନିଙ୍କୁ ମଧ୍ୟ ଦେଖିବାକୁ ମିଳିବ ।

# ପ୍ରେମରେ ପଡିଛନ୍ତି କାର୍ତ୍ତିକ


କାର୍ତ୍ତିକ ଆର୍ଯ୍ୟନ

କାର୍ତ୍ତିକ ଆର୍ଯ୍ୟନ ଏବେ ପ୍ରେମରେ ପଡିଯାଇଛନ୍ତି । ପୁଣି ଏହି ପ୍ରେମ ଏମିତି ଗାଢ଼ ଯେ ସେଥିରୁ ସେ ନିଜକୁ ମୁକୁଳାଇ ପାରୁନାହାନ୍ତି । ଆଉ କେବଳ କହି ବୁଲୁଛନ୍ତି ‘ତୁ ମେରି ମେଁ ତେରା, ମେଁ ତେରା ତୁ ମେରି’ । ହେଲେ ସେ ଏମିତି କାହା ପ୍ରେମରେ ପାଗଳ ହୋଇଯାଇଛନ୍ତି ଜାଣିବେନି ? କାର୍ତ୍ତିକ ଏବେ ଅନନ୍ୟା ପାଣ୍ଡେଙ୍କ ପ୍ରେମରେ ମସଗୁଲ୍ । ହେଲେ ଦୁହିଁଙ୍କର ଏହି ପ୍ରେମ ସଫଳ ହେବ ତ ? ହଁ, ଏହାର ଉତ୍ତର ବିଷୟରେ ସୂଚନା ଦେବା ପୂର୍ବରୁ ଏହି ପ୍ରେମ ପଛରେ କେତେ ସତ୍ୟତା ଅଛି ତାହା ଜଣାଇ ଦେବା । ଦୁହିଁଙ୍କ ଭିତରେ ଏଭଳି ଗଭୀର ଲଭ୍ ଦର୍ଶକ ପରଦାରେ ଦେଖିବାକୁ ପାଇବେ । ହଁ, ଏହା ସେମାନଙ୍କର ରିଲ୍ ଲାଇଫରେ ଘଟିଛି । ଆଉ ସିନେମାଟିର ଟାଇଟଲ ରହିଛି ‘ତୁ ମେରି, ମେଁ ତେରା, ମେଁ ତେରା ତୁ ମେରି’ । ଏହାର ୫୭–ଦିନିଆ ଶୁଟିଂ ନିକଟରେ ଶେଷ ହୋଇଛି । ଆଉ ଏଭଳି ଏକ ପ୍ରେମ କାହାଣୀର ଶେଷ ପରିଣତି କ’ଣ ହେଉଛି ତାହା ଜାଣିବାକୁ ସିନେମା ରିଲିଜ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ । ଏହାର ଅନ୍ୟତମ ପ୍ରଯୋଜକ ଅଛନ୍ତି କରନ୍ ଜୋହର । ଧର୍ମା ପ୍ରଡକ୍ସନ ଏବଂ ନମଃ ଫିଲ୍ମସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି । ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ସମୀର ବିଦ୍ୱାନ । ଏଥିରେ ଜ୍ୟାକି ଶ୍ରଫ ଏବଂ ନିନା ଗୁପ୍ତାଙ୍କୁ ମଧ୍ୟ ଦେଖିବାକୁ ମିଳିବ ।

# ସ୍ୱରାଜଙ୍କ ନୂଆ ଅବତାର

ଅଭିନେତା ସ୍ୱରାଜ ବାରିକଙ୍କୁ ଦର୍ଶକ ଖୁବ୍ ଶୀଘ୍ର ଏକ ନୂଆ ଭୂମିକାରେ ଦେଖିବାକୁ ପାରିବେ । ଏଇ ଭୂମିକାଟି ଦର୍ଶକଙ୍କ ମନକୁ ଜିଣିବ ବୋଲି ବି ସେ ଦୃଢ଼ ବିଶ୍ୱାସ ରଖିଛନ୍ତି । ଏହି ଭିନ୍ନ ରୋଲ୍‌ଟିଏ ତାଙ୍କୁ ମିଳିଛି ନିର୍ମାଣାଧୀନ ଓଡ଼ିଆ ସିନେମା ‘ସ୍ୱାଗ୍ ରାଜା’ରେ । ଗୁରର୍ଭି ପ୍ରଡକ୍ସନ ବ୍ୟାନରରେ ଏବଂ ସିଦ୍ଧାର୍ଥ ମ୍ୟୁଜିକ ସହାୟତାରେ ଏହାକୁ ନିର୍ମାଣ କରାଯାଉଛି । ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ସଂଗ୍ରାମ ତ୍ରିପାଠୀ ଏବଂ ସାଇ ସନାତନ । ଏହାକୁ ପରିକଳ୍ପନା କରିବା ସହ ଏକ୍‌ଜିକ୍ୟୁଟିଭ ପ୍ରଯୋଜକ ଅଛନ୍ତି ସମ୍ବିତ ଜେନା । କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାଶ ଏବଂ ପ୍ରଣବ ପ୍ରସନ୍ନ ରଥ । ଗୀତଗୁଡିକୁ ସ୍ୱର ଦେଇଛନ୍ତି ବର୍ତ୍ତମାନର ଆଗଧାଡିର ସ୍ୱର ସଂଯୋଜକ ଗୌରବ ଆନନ୍ଦ । କ୍ୟାମେରା ପରିଚାଳନାରେ ଅଛନ୍ତି ବିଭୂତି ଭୂଷଣ ବିଶ୍ୱାଳ । ଖାସ୍ କଥା ହେଲା ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ସୁପରହିଟ୍ ଓଡ଼ିଆ ସିନେମା ‘ବୋଉ ବୁଟୁ ଭୂତ’ରୁ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଥିବା ନିର୍ଦ୍ଦେଶକ ଜଗଦୀଶ ମିଶ୍ର । ସୂଚନାଯୋଗ୍ୟ ‘ତୁ ମୋ ଲଭ୍ ଷ୍ଟୋରି’ରୁ ତାଙ୍କର ନାୟକ କ୍ୟାରିୟର ଆରମ୍ଭ ହୋଇଥିଲା । ଆଉ ତା’ପରେ ସେ ବେଶ୍ କେତୋଟି ସିନେମାରେ ଅଭିନୟ କରି ନିଜ ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି । ତାଙ୍କ ଅଭିନୀତ ‘ଖୋକା ଭାଇ ତମରି ପାଇଁ’ ଦର୍ଶକାଦୃତ ହୋଇଥିଲା ।


ସ୍ୱରାଜ

# କେବେ ଭାବି ନ ଥିଲେ ଦୀପିକା

ଦୀପିକା ପାଦୁକୋନଙ୍କ ଜନ୍ମ ଏକ ଖେଳ ପରିବାରରେ । ତାଙ୍କର ବାପା ପ୍ରକାଶ ପାଦୁକୋନ୍ କେବଳ ଜାତୀୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ଜଣେ ପ୍ରଖ୍ୟାତ ବ୍ୟାଡମିଣ୍ଟନ ଖେଳାଳି । ତେଣୁ ପିଲାଟି ଦିନରୁ ତାଙ୍କର ଏଥିପ୍ରତି ଆଗ୍ରହ ରହିବା ସ୍ୱାଭାବିକ । କେବଳ ସେତିକି ନୁହେଁ, ଦୀପିକା ଜାତୀୟ ସ୍ତରରେ ମଧ୍ୟ ବ୍ୟାଡମିଣ୍ଟନ ଖେଳିସାରିଛନ୍ତି । ଏପରିକି ଏହାକୁ କ୍ୟାରିୟର କରିବାକୁ ସେ ଏକରକମ ମନସ୍ଥ କରିନେଇଥିଲେ । ହେଲେ କ’ଣ ହେବ ? ପରବର୍ତ୍ତୀ ସମୟରେ ସେ ମଡେଲିଂ ଦୁନିଆରେ ପାଦ ଦେଲେ । ଆଉ ସେଇଠୁ ଆରମ୍ଭ ହେଲା ଏକ ନୂଆ ଜୀବନ । ୨୦୦୬ରେ ଏକ କନ୍ନଡ ସିନେମାରେ ନାୟିକା ସାଜିବାକୁ ତାଙ୍କୁ ଅଫର ମିଳିଲା । ଆଉ ସେଭଳି ସୁଯୋଗକୁ ହାତଛଡା କରି ନ ଥିଲେ ଦୀପିକା । ଏ ବିଷୟରେ ସେ କହନ୍ତି, ‘‘ସତ କଥା କହିବାକୁ ଗଲେ ଭବିଷ୍ୟତରେ ମୁଁ ଯେ ଜଣେ ଅଭିନେତ୍ରୀ ହେବି ସେକଥା କେବେ କଳ୍ପନା କରି ନ ଥିଲି । ମୁଁ ଯାହା ଭାବିଲେ କ’ଣ ହେବ, ମୋ ଭାଗ୍ୟରେ ଯାହା ଲେଖାହୋଇଛି ତାହା ହିଁ ଘଟିବ । କନ୍ନଡ ଫିଲ୍ମ ‘ଐଶ୍ୱର୍ଯ୍ୟା’ (୨୦୦୬)ରେ ମୋତେ ପ୍ରଥମେ ବ୍ରେକ୍ ମିଳିଥିଲା । ବେଶ୍ କିଛି ଚିନ୍ତା କରିବା ପରେ ଆଗକୁ ବଢ଼ିଥିଲି ଏବଂ ଅଭିନୟ ଦୁନିଆରେ ପ୍ରବେଶ ମଧ୍ୟ କଲି । ହେଲେ ମୁଁ କେବେ ଭାବି ନ ଥିଲି ବଲିଉଡ୍‌ରେ ପ୍ରଥମ ସିନେମାରେ ହିଁ ଶାହରୁଖ ମୋ ନାୟକ ସାଜିବେ । ଫିଲ୍ମଟି ମୋତେ କେତେ ମାଇଲେଜ୍ ଦେଇଥିଲା ତାହା ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ ।’’


ଦୀପିକା

# ଶିକ୍ଷୟିତ୍ରୀରୁ ଅଭିନେତ୍ରୀ

କିଆରା ଆଡୱାନୀଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଶିକ୍ଷକତାରୁ । ସେ ସମୟରେ ତାଙ୍କର ମା’ ମୁମ୍ବାଇର ଏକ ସ୍କୁଲରେ ଶିକ୍ଷୟିତ୍ରୀ ଥିଲେ । ପାଠ ପଢ଼ା ଶେଷ ପରେ କିଆରା ସେଠାରେ କିଛି ଦିନ ଶିକ୍ଷାଦାନ ସହ ଜଡିତ ଥିଲେ । କେବଳ ସେତିକି ନୁହେଁ, ପାଠ ପଢ଼ିବା ସମୟରେ ସେ ଜଣେ ମେଧାବୀ ଛାତ୍ରୀ ଥିଲେ । ଦ୍ୱାଦଶ ପରୀକ୍ଷାରେ ସେ ୯୨ ପ୍ରତିଶତ ନମ୍ବର ରଖିଥିଲେ । କିଆରା ଯେତେବେଳେ ଛୋଟ ଥିଲେ ସେତେବେଳେ ଏକ ବେବି ପାଉଡର ବିଜ୍ଞାପନରେ ତାଙ୍କୁ ଦେଖିବାକୁ ମିଳିଥିଲା । ତେବେ ସେ ଅଭିନୟ ପ୍ରତି ଢଳିଲେ କାହିଁକି ? ଏ ବିଷୟରେ ସେ କହନ୍ତି, ‘‘ମୁଁ ଆଜି ଯଦି ଜଣେ ଅଭିନେତ୍ରୀ ଭାବରେ ସଫଳ ହୋଇଥାଏ ସେଥିପାଇଁ ଜଣେ ହିଁ ଦାୟୀ । ସେ ହେଲେ ପ୍ରିୟଙ୍କା ଚୋପ୍ରା । ତାଙ୍କର ଅଭିନୟ ମୋତେ ଭାରି ଅନୁପ୍ରାଣିତ କରିଥିଲା । ଆଉ ତା’ପରେ ମୁଁ ଆକ୍ଟିଂକୁ କ୍ୟାରିୟର କରିବାକୁ ନିଷ୍ପତ୍ତି ନେଇଥିଲି ।’’ ଯେତେବେଳେ କିଆରା ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କର ପ୍ରକୃତ ନାମ ଥିଲା ଆଲିୟା । ଏହାକୁ ପରିବର୍ତ୍ତନ କରିବାକୁ ସଲମାନ ଖାନ୍ ପରାମର୍ଶ ଦେଇଥିଲେ । ଆଉ ତା’ପରେ ଆଲିୟା ଆଡଭାନୀ, କିଆରା ଆଡଭାନୀ ନାମରେ ପରିଚିତ ହେଲେ । ଏହି ନାମ ପଛରେ ଆଉ ଏକ ମଜାଦାର କଥା ରହିଛି । ପ୍ରିୟଙ୍କା ଚୋପ୍ରାଙ୍କ ‘ଅଞ୍ଜାନା ଅଞ୍ଜାନି’ ଫିଲ୍ମରେ ତାଙ୍କର ଭୂମିକାଟିର ନାମ ଥିଲା କିଆରା । ତେଣୁ ସବୁବେଳେ ନିଜ ନାମକୁ ଲକି ବୋଲି ମାନନ୍ତି ସେ । ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା ‘ଫୁଗ୍‌ଲି’ (୨୦୧୬) । ଏବେ କିଆରାଙ୍କ ଅଭିନୀତ ଏକ କନ୍ନଡ–ଇଂରାଜୀ ଫିଲ୍ମ ‘ଟକ୍ସିକ : ଏ ଫ୍ୟାରି ଟେଲ୍ ଫର୍ ଗ୍ରୋନ୍ ଅପ୍‌ସ’ ଆସନ୍ତା ବର୍ଷ ମାର୍ଚ୍ଚ ୧୯ରେ ରିଲିଜ ହେବାକୁ ଯାଉଛି ।


କିଆରା

## ପ୍ରଥମ ରୋଜଗାର

# ବଡ଼ବୋଉ ପାଇଁ ଖୋର୍ଦ୍ଧା ମିଲ୍ କସ୍ତା ଶାଢ଼ି ଖଣ୍ଡେ କିଣିଥିଲି



ଲେଖିକା ସରୋଜିନୀ ଜେନା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଘରର ସବା ସାନଝିଅ ଥିଲି ମୁଁ। ବଡ଼ବାପା, ବାପା ଓ ଦାଦାଙ୍କର ମିଶାଇ ଛଅଝିଅଙ୍କ ମଧ୍ୟରେ ମୁଁ ସାନ ଥିବା ଯୋଗୁ ସମସ୍ତଙ୍କର ସ୍ନେହ ମମତା ମୋତେ ବେଶି ମିଳୁଥିଲା। ଭଲ ପାଠ ବି ପଢୁଥିଲି। ବାସ୍ତବରେ ଅଠର ଜଣିଆ ପରିବାରଟି ଆମର ଖୁବ୍ ସ୍ନେହ, ଶ୍ରଦ୍ଧା ଭଲ ପାଇବାରେ ଭରପୂର ଥିଲା। ବଡ଼ବାପା ଘରର ଜମିବାଡ଼ି ଚାଷବାସ କଥା ବୁଝୁଥିଲେ। ବାପା ପୋଷ୍ଟାଲ ଚାକିରି ଛାଡ଼ି ବ୍ୟବସାୟରେ ମନ ଦେଲେ। 'ଏ' କ୍ଲାସ୍ କଣ୍ଟ୍ରାକ୍ଟର ଭାବରେ ଭଲ ରୋଜଗାର ଥିଲା ତାଙ୍କର। ଘରର ସବୁ ଭଲମନ୍ଦ କଥା ବଡ଼ବାପା ଓ ବାପା ବୁଝୁଥିଲେ। ଦାଦା ପୋଷ୍ଟାଲ ଚାକିରି କରୁଥିଲେ ବି ଘର ପ୍ରତି କେବେ ହେଲେ ଦାୟିତ୍ୱବାନ ନ ଥିଲେ। ବଡ଼ବାପା, ବାପା ବି ସ୍ନେହରେ ଦାଦାଙ୍କୁ କେବେ କିଛି କହୁ ନ ଥିଲେ। ଘରର ବଡ଼ବୋହୂ ହିସାବରେ ବଡ଼ବୋଉ ଥିଲା ଭାରି ସାହସୀ। ବାରିଘର, ଗୁହାଳ ଗୋବର, ଘଷିକୁଟା, ଧାନ ଉସୁଆଁ ଇତ୍ୟାଦି କାମ କରିବାରେ ସେ ଥିଲା ପୂରା ଧୁରନ୍ଧର। ବଡ଼ଯାଆ ହିସାବରେ ବୋଉ ଓ ଖୁଡ଼ୀ ତା'କୁ ବହୁତ ଖାତିର କରୁଥିଲେ। ସେ ବି ଭାରୀ ସ୍ନେହୀ ଥିଲା। ଆମେ ଭାଇଭଉଣୀ ମିଶି ନଅଜଣ (ତିନି ପୁଅ ଓ ଛଅ ଝିଅ)ଙ୍କ ଭିତରେ ମଧ୍ୟ ବେଶ୍ ସ୍ନେହଶ୍ରଦ୍ଧା ଭରି ରହିଥିଲା। ସନ୍ଧ୍ୟାରେ ପାଠ ନ ପଢ଼ି ଗାଁ ଦାଣ୍ଡରେ ଖେଳୁଥିବାବେଳେ ବଡ଼ଭାଇ(ନନା)ଙ୍କ ହାତରେ ଧରାପଡ଼ିଗଲେ ସବୁ ଦୋଷକୁ ଘୋଡ଼େଇବାକୁ ବଡ଼ବୋଉ ବଡ଼ପାଟି କରି ଧାଇଁ ଆସୁଥିଲା। ତିନିଯାଆଙ୍କ ଭିତରୁ ବଡ଼ବୋଉ ଥିଲା ଉଚ୍ଚତାରେ ଛୋଟ ଏବଂ ଚିକ୍କଣ କଳା। ହେଲେ ଡଉଲଡାଉଲ ଚେହେରା ସହିତ ଧୋବ ଫରଫର ଦାନ୍ତରେ ହସ ହସ ମୁହଁ ତା'ର ସମସ୍ତଙ୍କ ପାଖରେ ତାକୁ ପ୍ରିୟପାତ୍ରୀ କରିଥିଲା। ଦୁର୍ଭାଗ୍ୟକୁ ମୋର ଚତୁର୍ଥ ଶ୍ରେଣୀ ଆରମ୍ଭ ବେଳକୁ ବାପାଙ୍କର ଦେହାନ୍ତ ହେଲା। ଦୁଃଖରେ ଭାଙ୍ଗି ପଡ଼ିଲା ବୋଉ। ସେ ସମୟରେ ମୋର ସମସ୍ତ ଯତ୍ନ ବଡ଼ବୋଉ, ଖୁଡ଼ୀ ଓ ନୂଆବୋଉ ନେଲେ। ବଡ଼ଭାଇ ବାପାଙ୍କ ପରି ସ୍ନେହ ଶ୍ରଦ୍ଧା ଦେଇ ପାଠପଢ଼ା କଥା ବୁଝିଲେ। ବିଜେବି କଲେଜରୁ ଗ୍ରାଜୁଏଶନ ପରେ ବଡ଼ଭାଇଙ୍କ ପ୍ରେରଣାରେ ଏଲ୍ଏଲ୍‌ବି ସାରି ଓଡ଼ିଶା ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତିରେ ମନଦେଲି। ହେଲେ ଭଗବାନଙ୍କ ଇଚ୍ଛା ବୋଧେ କିଛି ଅଲଗା ଥିଲା। ପରବର୍ତ୍ତୀ ସମୟରେ ସିଟି, ବି.ଇଡି ତାଲିମ ନେଇ ୨୦୦୧ରେ ଶିକ୍ଷା ସହାୟକ ଚାକିରି ଖଣ୍ଡେ ପାଇଲି। ଘାସକୁ ମୋଟ ପାଳକୁ ଛୋଟ ପରି ବଡ଼ଭାଇଙ୍କ ମନଦୁଃଖ ଏବଂ ଅସନ୍ତୋଷ ସତ୍ତ୍ୱେ ନିଜ ମନକୁ ବୁଝାଇ ଘରଠାରୁ ୪୦ କି.ମି. ଦୂର ଏକ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବରେ ଯୋଗଦେଲି। ଯିବା ଆସିବାର କୌଣସି ସୁବିଧା ନ ଥିବାରୁ ବାଧ୍ୟ ହୋଇ ବୋଉକୁ ସାଙ୍ଗରେ ନେଇ ସେହି ଗାଁରେ ଭଡ଼ାରେ ରହିଲି। ସପ୍ତାହକୁ ଥରେ ରବିବାର ଦିନ ଘରକୁ ଆସୁଥିଲି। ବଡ଼ବୋଉ ମୋ ଚାକିରି କରିବାକୁ ନେଇ ବେଶ୍ ଖୁସି ଥିଲା। ବେଳେବେଳେ ତା' କମ୍ ପାଠପଢ଼ା ବୁଦ୍ଧିରେ ବୋଉକୁ କହୁଥିଲା, 'ଯାହା ହେଉ ତୋ ଝିଅ ଜନ୍ମ କରିବା ସାର୍ଥକ ହେଲା।' ତା'ର ଏଭଳି ପିଲାଳିଆ କଥା ଶୁଣି ବୋଉ କହୁଥିଲା, 'ତମେ ତା'ହେଲେ ଏଥର ଝିଅ ସହିତ ଯାଅ।' ଦୁଇ ଯାଆଙ୍କର ଏଭଳି କଥାବାର୍ତ୍ତା ଶୁଣି ମୁଁ ବହୁତ ଖୁସି ହେଉଥିଲି। ବାସ୍ତବରେ ଯୌଥ ପରିବାରର ଏଭଳି ଆପଣାପଣର ମୋହ ମୋତେ ଖୁବ୍ ଆନନ୍ଦ ଦେଉଥିଲା। ଶିକ୍ଷା ସହାୟକ ଚାକିରି। ମାସକୁ ପନ୍ଦରଶହ ଟଙ୍କା ଦରମା। ହେଲେ ସରକାର ଅନୁଗ୍ରହ କରି ପ୍ରଥମ ବର୍ଷ, ବର୍ଷ ଶେଷରେ ଅଠର ହଜାର ଟଙ୍କା ଦେଲେ। ସେ ଟଙ୍କାକୁ କ'ଣ କେମିତି ଖର୍ଚ୍ଚ କରିବି ହିସାବ ପାଉ ନ ଥିଲି। ବୋଉକୁ ନ ପଚାରି ବି କେବେ କିଛି କରି ନ ଥିଲି। ତେଣୁ ପୁସ୍ତକ ମେଳାରୁ ପ୍ରତିଭା ରାୟଙ୍କର କିଛି ଉପନ୍ୟାସ କିଣିବା ସହିତ ବୋଉ ପାଇଁ ଶାଢ଼ି ଓ ଶାଲ କିଣିବାକୁ ମନେମନେ ଭାବି ବୋଉକୁ ପଚାରିଲି। ହେଲେ ବୋଉ ତା' ପାଇଁ କିଛି ନ କିଣି ବଡ଼ବୋଉ, ଖୁଡ଼ୀ ଓ ନୂଆବୋଉଙ୍କ ପାଇଁ କିଣିବାକୁ କହିଥିଲା। ଏକଥା ଶୁଣି ବଡ଼ବୋଉ କହିଲା 'ମୋ ପାଇଁ ଅଲଗା ଲୁଗା ଆଣିଲେ ମୁଁ ପିନ୍ଧିବିନି, ଆଣିବୁ ଯଦି ମୁଁ ଯେମିତି ଖୋର୍ଦ୍ଧା ମିଲ୍ କସ୍ତା ଶାଢ଼ି ପିନ୍ଧୁଛି ସେମିତି ଆଣିବୁ।' ସେ ଲୁଗା ପୁଣି ସବୁ ଦୋକାନରେ ମିଳେ ନାହିଁ। ଆମେ ଭାଇ ଭଉଣୀ ଖୋଜି ଖୋଜି ଭୁବନେଶ୍ୱର ଏକ ନମ୍ବର ହାଟର ଏକ ଦୋକାନରୁ କିଣିଲୁ। ଲୁଗାଟି ଦେଖି ବଡ଼ବୋଉ ଭାରି ଖୁସି ହେଲା, ଆଉ ସମସ୍ତଙ୍କୁ ଲୁଗା ଦେଖେଇ କହିଲା, 'ମୋ ଝିଅ ତା' ଦରମା ପଇସାରେ ମୋ ପାଇଁ ଲୁଗା ଆଣିଛି।' ତା'ପର ଦିନ ଲୁଗା ଖଣ୍ଡକ ପିନ୍ଧି ସେ ଗାଁ ଶିବ ମନ୍ଦିରକୁ ଯାଇ ମୋ ପାଇଁ ପୂଜା କଲା। ଯା'ଭିତରେ ବଡ଼ବୋଉ ମରିବା ଉଣେଇଶି ବର୍ଷ ପାଖାପାଖି ହେଲାଣି। ହେଲେ ସେହି ଲୁଗା ଖଣ୍ଡକ ପିନ୍ଧିଲା ପରେ ସେଦିନର ତା' ହସ ହସ ଉଜ୍ଜ୍ୱଳ ମୁହଁ ଏବେ ବି ମୋ ଆଖି ଆଗରେ ନାଚିଯାଉଛି।

## ସାଥୀ

# ଭାବନା ରାଇଜେ ସାଜିଛି ରଜା, ଶୁଖିଲା ପ୍ରେମରେ ନ ଥାଏ ମଜା



**ପ୍ରଶ୍ନ–**ମୁଁ ଯେତେଥର ପ୍ରେମ କରୁଛି ସଫଳ ହେଉନାହିଁ। ଏହାର କାରଣ ମଧ୍ୟ ଜାଣିପାରୁନାହିଁ। କିପରି ପ୍ରେମ କଲେ ମୁଁ ସକସେସ୍ ହେବି କହିବେ କି ସାଥୀ ?

*–ଅମୀୟ ନାୟକ, କେନ୍ଦୁଝର*

**ଉତ୍ତର:** ଯାହାହେଉ ଆପଣ ଚେଷ୍ଟା ଜାରି ରଖିଛନ୍ତି। ପ୍ରେମରେ ବାରମ୍ବାର ଅସଫଳ ହେଲେ ମଧ୍ୟ ଆପଣଙ୍କ ମନ ପାହାଡ଼ ପରି ଦୃଢ଼ ରହିଛି। ଏହା ନିଶ୍ଚୟ ଭଲ କଥା। ହେଲେ ଯେଉଁ ତରିକାରେ ପ୍ରେମ କରୁଛନ୍ତି ସେଭଳି ଯଦି ଜାରି ରଖନ୍ତି ତେବେ ଏହା ମରିଚିକା ପଛରେ ଧାଇଁବା ପରି ହେବ। କାରଣ 'ଭାବନା ରାଇଜେ ସାଜିଛି ରଜା, ସୁଖିଲା ପ୍ରେମରେ ନ ଥାଏ ମଜା'। କେବଳ ଜଣେ ସୁନ୍ଦରୀକୁ ଭଲ ପାଇବି ବୋଲି ଭାବି ତା' ପଛରେ ଗୋଡ଼ାଇଲେ କ'ଣ ହେବ ? ଦୁଇ ପଟରୁ ଯଦି ଗ୍ରୀନ ସିଗନାଲ ନ ରହିଲା ତେବେ ସେଭଳି ପ୍ରେମର କିଛି ମୂଲ୍ୟ ନ ଥାଏ। ତେଣୁ ନିଜ ମନର କଥା ଏପରି ତରୁଣୀକୁ କୁହନ୍ତୁ, ଯାହା ଆଖିକୁ ଚାହିଁଲେ ସେଥିରେ ପ୍ରେମର ଝଲକ୍ ସ୍ପଷ୍ଟ ବାରି ହୋଇପଡୁଥିବ। ଆଉ ଯଦି ଦୁଇ ଜଣଙ୍କ ମନ ମିଶିଗଲା ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କ ଲଭ୍ ମିଶନ ସକସେସ୍ ହୋଇଛି।

**ପ୍ରଶ୍ନ–**ପ୍ରେମ କରିବାକୁ ମୋର ଭାରି ମନ ହେଉଛି। ହେଲେ ଜଣେ ଝିଅକୁ କିପରି ମୋ ମନ କଥା କହିବି ଜାଣିପାରୁନାହିଁ। କ'ଣ କରିବି ?

*–ବିଜୟ କୁମାର, ଭୁବନେଶ୍ୱର*

**ଉତ୍ତର:** ଏହି ସମୟରେ ଟିକେ ମଗଜ ଖଟାଇବାକୁ ପଡିଥାଏ। ଯାହାକୁ ମନର କଥା କହିବେ ବୋଲି ଭାବିଛନ୍ତି ସେପଟୁ କିଛି ପ୍ରେମର ଆଭାସ ଜାଣିପାରୁଛନ୍ତି ତ ? ପ୍ରଥମେ ସେହି ସୁନ୍ଦରୀ ମନକୁ ଭଲ ଭାବରେ ପଢ଼ନ୍ତୁ। ଯଦି ଜାଣିପାରିବେ ଯେ ଏଇଟି ଯଦି ମୁଁ ବହି ଫିଟ୍ କରେ ତେବେ ସକସେସ୍ ହେବି। ବାସ୍, ସମୟ ସୁବିଧା ଦେଖି ତା' ସାମନାରେ ମନ ଭିତରେ ଦୀର୍ଘ ଦିନ ଧରି ଚାପି ହୋଇ ରହିଥିବା କଥାଗୁଡ଼ିକୁ ଉଗାଳି ପକାନ୍ତୁ। ଆଉ ତା'ପରେ କ'ଣ ହେଉଛି ବଳେ ବଳେ ଜାଣିପାରିବେ।

**ପ୍ରଶ୍ନ–**ମୁଁ ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲି ସେ ଏବେ ମୋତେ ବାହା ହେବନି ବୋଲି ମନା କରୁଛି ? ବର୍ତ୍ତମାନ ମୁଁ କ'ଣ କରିବି ଜାଣିପାରୁନାହିଁ।

*–ଉତ୍ତମ, ଓଡଗାଁ, ନୟାଗଡ*

**ଉତ୍ତର:** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ଆଉ ବାହା ହେବେ ବୋଲି ଆଶାର ମୀନାର ତୋଳିଥିଲେ ସେ ଆପଣଙ୍କୁ ଭଲ ପାଉଥିଲା ତ ? ଆପଣ ତାକୁ ଏକତରଫା ପ୍ରେମ କରୁ ନ ଥିଲେ ତ ? ଯଦି ଦୁହିଁଙ୍କ ଭିତରେ ପ୍ରକୃତ ପ୍ରେମ ଚାଲିଥିଲା, ତେବେ ଏବେ ସେ ବାହା ହେବାକୁ କାହିଁକି ମନା କରୁଛି ତାହାର କାରଣ ଖୋଜନ୍ତୁ। ଯଦି ଏହାର ଉତ୍ତର ଅସମାଧିତ ହୋଇ ରହିଗଲା, ତେବେ ଏଭଳି ଲଭ୍ ଚାପ୍ଟର ଯେତେଶୀଘ୍ର କ୍ଲୋଜ୍ କରିଦେବେ ତାହା ସେତେ ଭଲ ହେବ। ନ ହେଲେ ପ୍ରେମର ମଝି ରାସ୍ତାରେ ଠିଆ ହୋଇ ଏମିତି ସଙ୍କୁଳିତ ହେଉଥିବେ।

**ପ୍ରଶ୍ନ–**ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲିଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ? *–ପ୍ରମୋଦ, ସୋନପୁର*

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

# ଫେଷ୍ଟିଭ୍ ଲୁକ୍ ପାଇଁ ଶାଢ଼ି

ପାର୍ବଣରେ ଧଳା-ନାଲି ରଙ୍ଗ ଶାଢ଼ିର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଥାଏ। ଆଗରୁ ବେଙ୍ଗଲୀ ମହିଳାମାନେ ଏହି ଶାଢ଼ି ବେଶି ପିନ୍ଧୁଥିବାବେଳେ ଏବେ ଏହା ଯେମିତି ଫେଷ୍ଟିଭ୍ ଟ୍ରେଣ୍ଡ ପାଲଟିଛି। ଏହି ଶାଢ଼ି ବ୍ୟତୀତ ଆଉ କିଛି ଲାଟେଷ୍ଟ ଡିଜାଇନ୍‌ର ଶାଢ଼ି ବି ରହିଛି, ଯାହାକୁ ପିନ୍ଧି ଆପଣ ପୂଜାରେ ଲାଗିବେ ବେଶ୍ ଆକର୍ଷଣୀୟ ...



**✲ ମା' ଦୁର୍ଗାଙ୍କ ମୁହଁ ଥିବା ଶାଢ଼ି:** ଏହି ଶାଢ଼ିର ଟ୍ରେଣ୍ଡ ଏବେ ଖୁବ୍ ଚାଲିଛି। ବିଶେଷକରି ଧଳା-ନାଲି ଶାଢ଼ିର କାନିରେ ମା'ଙ୍କ ମୁହଁ ଓ କାଶତଣ୍ଡୀର ପ୍ରିଣ୍ଟ ହୋଇଥିବା ଡିଜାଇନ୍ ଦେଖିବାକୁ ବେଶ୍ ସୁନ୍ଦର ଲାଗିଥାଏ। ଆଉ କିଛି ଶାଢ଼ିର ବର୍ଡରରେ ବି ମା'ଙ୍କ ମୁହଁ ଥିବାର ପ୍ରିଣ୍ଟ ଦେଖିବାକୁ ମିଳେ। କେବଳ ଧଳା-ନାଲି ଶାଢ଼ି କାହିଁକି ଏବେ ତ ଅନ୍ୟ ରଙ୍ଗର ଶାଢ଼ିରେ ବି ମା'ଙ୍କ ମୁହଁ, ଆଖି କିମ୍ବା ଆଶୀର୍ବାଦ ଭଙ୍ଗୀ ହାତର ଡିଜାଇନ୍ ବି ଆସୁଛି, ଯାହାକୁ ପୂଜା ଅବସରରେ ଆରାମରେ ପିନ୍ଧି ଫେଷ୍ଟିଭ୍ ଲୁକ୍ ପାଇହେବ। ଏ ଟାଇପ୍‌ର ଶାଢ଼ି ସାଙ୍ଗକୁ ମଥାରେ ବଡ଼ ସାଇଜ୍‌ର ନାଲିବିନ୍ଦି ଓ ଗୋଲ୍ଡେନ୍ ଅବା ଟେମ୍ପଲ ଡିଜାଇନ୍‌ର ଜୁଏଲେରି ପିନ୍ଧିଲେ ଲୁକ୍ ଆହୁରି ଆକର୍ଷଣୀୟ ଦେଖାଯାଇଥାଏ। ତେବେ ଏହି ଧରଣର ଶାଢ଼ି ପିନ୍ଧିଲାବେଳେ ଧ୍ୟାନ ଦେବେ ଯେମିତି ମା'ଙ୍କ ମୁହଁର ପ୍ରିଣ୍ଟ ଯେଉଁଠାରେ ହୋଇଛି, ତାହା ପାଦ ପାଖକୁ କି ତଳେ ଘୋଷାରି ହେଉ ନ ଥିବ। ଏହା ମା'ଙ୍କ ପ୍ରତି ଅବମାନନା ହୋଇଥାଏ।

**✲ ସ୍ୱସ୍ତିକ ପ୍ରିଣ୍ଟ ଶାଢ଼ି:** ପବିତ୍ର ସ୍ୱସ୍ତିକ ଚିହ୍ନର ଆଧ୍ୟାତ୍ମିକ ମହତ୍ତ୍ୱ ଖୁବ୍ ରହିଛି। ସେଥିପାଇଁ ଘର ଦୁଆର ମୁହଁରେ ସ୍ୱସ୍ତିକ ଚିହ୍ନ କରାଯାଇଥାଏ। ଏବେ ତ ସ୍ୱସ୍ତିକ ପ୍ରିଣ୍ଟ ଶାଢ଼ିର ବି ଖୁବ୍ ଚାହିଦା ରହୁଥିବା ଦେଖିବାକୁ ମିଳୁଛି। ବିଶେଷକରି ପୂଜାପାର୍ବଣ ଅବସରରେ ଏହି ଶାଢ଼ି ପିନ୍ଧିଲେ ଆକର୍ଷଣୀୟ ଫେଷ୍ଟିଭ୍ ଲୁକ୍ ମିଳେ। ଏହି ଶାଢ଼ି ସାଙ୍ଗକୁ ବି ଗୋଲ୍ଡେନ୍ ଜୁଏଲେରି ବେଶ୍ ମାନିଥାଏ। ତା'ସହିତ କେଶକୁ ଖୋଲା ଛାଡ଼ିଲେ ଲୁକ୍ ବେଶ୍ ସୁନ୍ଦର ଦେଖାଯାଏ। ସ୍ୱସ୍ତିକ ଯେହେତୁ ଏକ ମାଙ୍ଗଳିକ ଚିହ୍ନ ତେଣୁ ଏହାର ପ୍ରିଣ୍ଟ ହୋଇଥିବା ଶାଢ଼ି ପିନ୍ଧିଲାବେଳେ ଧ୍ୟାନ ଦେବେ ଯେମିତି ଏହି ଚିହ୍ନ ପାଦ ପାଖରେ ରହୁ ନ ଥିବ।

**✲ ଫ୍ଲାୱାର ପ୍ରିଣ୍ଟ ଶାଢ଼ି:** ଏହି ଟାଇପ୍‌ର ଶାଢ଼ି ବି ନାରୀକୁ ଫେଷ୍ଟିଭ୍ ଲୁକ୍ ଦେଇଥାଏ। ବିଶେଷକରି ପଦ୍ମ ଅବା କଇଁଫୁଲର ପ୍ରିଣ୍ଟ ହୋଇଥିବା ଶାଢ଼ି ପାର୍ବଣ ଅବସରରେ ପିନ୍ଧିବା ପାଇଁ ଏକ ବେଷ୍ଟ ଅପ୍ସନ ହୋଇଥାଏ। ଧଳା-ନାଲି ଶାଢ଼ିରେ ଗୋଲ୍ଡେନ୍ କଲର୍ ଅବା ପିଙ୍କ୍ କଲର୍‌ର ପଦ୍ମ ଅବା କଇଁଫୁଲର ପ୍ରିଣ୍ଟ ଦେଖିବାକୁ ବେଶ୍ ଆକର୍ଷକ ଲାଗିଥାଏ।

**✲ ହାତୀ ପ୍ରିଣ୍ଟ ଶାଢ଼ି:** ହାତୀ ପ୍ରିଣ୍ଟକୁ ବି ପବିତ୍ରତାର ପ୍ରତୀକ ବୋଲି କୁହାଯାଇଥାଏ। ତେଣୁ ହାତୀ ପ୍ରିଣ୍ଟ ଥିବା ଶାଢ଼ିକୁ ବି ପାର୍ବଣ ଅବସରରେ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଦେଖାଯାଇଥାଏ। ଗୋଲ୍ଡେନ୍ କଲର୍ ଶାଢ଼ିରେ ରେଡ୍ କଲର୍‌ର ହାତୀ ପ୍ରିଣ୍ଟ ହେଉ ଅବା ଧଳା-ନାଲି ଶାଢ଼ିରେ ଗୋଲ୍ଡେନ୍ କଲର୍‌ର ହାତୀ ପ୍ରିଣ୍ଟ ହୋଇଥିଲେ, ଏହା ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗିଥାଏ, ପିନ୍ଧିଲେ ସେମିତି ଫେଷ୍ଟିଭ୍ ଲୁକ୍ ମିଳିଥାଏ। ଏହା ସାଙ୍ଗକୁ ବଡ଼ ସାଇଜ୍‌ର ପେଣ୍ଡି ଷ୍ଟାଇଲ୍ ଇୟର୍ ରିଂ ଓ ମଥାରେ ନାଲି ଅବା ଗୋଲ୍ଡେନ୍ କଲର୍ ବିନ୍ଦି ପିନ୍ଧିଲେ ଲୁକ୍ ଆହୁରି ସୁନ୍ଦର ଲାଗେ।

**✲ ମୟୂର ଡିଜାଇନ୍ ଶାଢ଼ି:** ମୟୂର ଡିଜାଇନ୍ ହୋଇଥିବା ଶାଢ଼ି ବି ପୂଜା ଅବସରରେ ପିନ୍ଧିବା ପାଇଁ ବେଷ୍ଟ ହୋଇଥାଏ।

**✲ ଦାଣ୍ଡିଆ-ଗର୍‌ବା ପ୍ରିଣ୍ଟ ଶାଢ଼ି:** ଏହି ଶାଢ଼ିକୁ ବି ପାର୍ବଣ ଅବସରରେ ପିନ୍ଧିଲେ ଟ୍ରେଣ୍ଡି ଲୁକ୍ ମିଳେ। ଏହା ସାଙ୍ଗକୁ ଅକ୍ସିଡାଇଜ୍ଡ ଜୁଏଲେରି ଖୁବ୍ ସୁନ୍ଦର ମାନିଥାଏ।

ଏହାଛଡ଼ା ଟ୍ରାଇବାଲ୍ ପ୍ରିଣ୍ଟ ହେଉ କି କଳସ, କୁଲା, ଢୋଲ, ଦୀପ ଅବା ଝୁଣାଧୂପ ଡିଜାଇନ୍‌ର ପ୍ରିଣ୍ଟ ହୋଇଥିବା ଶାଢ଼ି ବି ପୂଜାପାର୍ବଣ ଅବସରରେ ପିନ୍ଧିବା ପାଇଁ ବେଷ୍ଟ ଅପ୍ସନ ହୋଇପାରେ।





# ପାରଳାଖେମୁଣ୍ଡି ରାଜବାଟୀ


ସୁଶ୍ରୀ କଲ୍ୟାଣୀ ଦେବୀ


ଗୋପୀନାଥ ଗଜପତି



କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ

ଗଜପତି ଜିଲାରେ ରହିଛି ପାରଳାଖେମୁଣ୍ଡି ରାଜପ୍ରାସାଦ। ଏଠାରେ ଶାସନ କରିଥିବା ରାଜାମାନଙ୍କ ମଧ୍ୟରେ– ରାଜା ଗୌରଚନ୍ଦ୍ର ଦେବ (ଦ୍ୱିତୀୟ) ଓ ରାଣୀ ବିଷ୍ଣୁପ୍ରିୟା ଦେବୀଙ୍କର ଜ୍ୟେଷ୍ଠ ପୁତ୍ର ରୂପେ କୃଷ୍ଣଚନ୍ଦ୍ର ୧୮୯୨ ଏପ୍ରିଲ ୨୬ତାରିଖ, ବୈଶାଖ ମାସ ଅମାବାସ୍ୟା ଦିନ ପାରଳାଖେମୁଣ୍ଡିଠାରେ ଜନ୍ମଗ୍ରହଣ କରିଥିଲେ। ପିତା ଗୌରଚନ୍ଦ୍ର ଗଜପତି ଓ ଜେଜେବାପା ପଦ୍ମନାଭ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ୟାମସୁନ୍ଦର ରାଜଗୁରୁ ଓ ମି.ଏଡ୍‌ମଣ୍ଡ କ୍ୟାଣ୍ଡଲର ଗୃହ ଶିକ୍ଷକଙ୍କ ଦାୟିତ୍ୱରେ ସେ ବାଲ୍ୟଶିକ୍ଷା ସମାପ୍ତ କରିଥିଲେ । ଉଚ୍ଚଶିକ୍ଷା ପାଇଁ ସେ ତତ୍କାଳୀନ ମାନ୍ଦ୍ରାଜ ଗଲେ । ମାନ୍ଦ୍ରାଜରେ ଅଧ୍ୟୟନ କରୁଥିବା ସମୟରେ ତାଙ୍କ ପିତା ଗୌରଚନ୍ଦ୍ର ନାରାୟଣ ଦେବଙ୍କ ସ୍ୱର୍ଗବାସ ହୋଇଥିଲା। କଲେଜ ପଢ଼ା ଶେଷ ପରେ କୃଷ୍ଣଚନ୍ଦ୍ର ୧୯୧୩ ମସିହାରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରି ଖରସୁଆଁ ରାଜ୍ୟର ରାଜଜେମା ନଳିନୀ ଦେବୀଙ୍କୁ ବିବାହ କରିଥିଲେ ଓ ଶାସନ ଭାର ଗ୍ରହଣ କରିଥିଲେ। କୃଷ୍ଣଚନ୍ଦ୍ର ଦେବଙ୍କର ଦୁଇ ଗୋଟି ପୁତ୍ର ଥିଲେ । ୨୫ ମେ' ୧୯୭୪ରେ ତାଙ୍କର ଦେହାନ୍ତ ହୋଇଥିଲା । ସେ ରାଜକୀୟ ବିଳାସ ବ୍ୟସନଠାରୁ ଦୂରରେ ରହି ଜନସେବାକୁ ଗୁରୁତ୍ୱ ଦେଉଥିଲେ । ୧୯୨୭ରେ ଭାରତରେ ଶାସନ ସଂସ୍କାର ପାଇଁ ବ୍ରିଟିଶ ସରକାର ସାଇମନ କମିଶନ ନିଯୁକ୍ତି କରିଥିଲେ । ସମଗ୍ର ଦେଶ ସେତେବେଳେ ସାଇମନ କମିଶନଙ୍କୁ ବାସନ୍ଦ କରିଥିଲେ । କିନ୍ତୁ ଓଡ଼ିଶାର ସ୍ୱାର୍ଥ ନିମନ୍ତେ ଗଜପତି ଅଣ୍ଡାଭିଡ଼ି ସାଇମନ କମିଶନଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ଆଗେଇ ଆସିଥିଲେ। ଯା'ଫଳରେ ଓଡ଼ିଶା କଥା ବିଚାର କରିବା ପାଇଁ ଅଟଲିଙ୍କ ଅଧକ୍ଷତାରେ ଏକ ସବ୍ କମିଟି ଗଠନ କରାଗଲା ଓ ସେହି କମିଟି ଓଡ଼ିଶା ପାଇଁ ଅନୁକୂଳ ମତ ପ୍ରକାଶ କଲେ । ପ୍ରଥମ ଗୋଲ ଟେବୁଲ ବୈଠକ (୧୯୩୦–୩୧) ଲଣ୍ଡନଠାରେ ଅନୁଷ୍ଠିତ ହେଲା । ବିହାର ଓ ଓଡ଼ିଶା ସରକାରଙ୍କ ତରଫରୁ କୃଷ୍ଣଚନ୍ଦ୍ର ଗଜପତି ମନୋନୀତ ସଭ୍ୟଭାବେ ଗୋଲ ଟେବୁଲ ବୈଠକରେ ଯୋଗଦେଇଥିଲେ। ସେତେବେଳେ ବାଲ୍ୟବିବାହ ପ୍ରଚଳିତ ଥିଲା। ବହୁ ଅପ୍ରାପ୍ତବୟସ୍କା ବାଳିକା ବିବାହ କରି ଅକାଳ ବୈଧବ୍ୟ ଯୋଗୁ ଦୁଃଖରେ କାଳାତିପାତ କରୁଥିଲେ । ପାରଳାରେ ସଙ୍ଗୀତଜ୍ଞ ବୃନ୍ଦାବନ ପାଣିଗ୍ରାହୀଙ୍କ ଝିଅ ପାଖପଡ଼ିଶାର ଝିଅମାନଙ୍କୁ ଡାକି ଆଣି ନିଜ ଘରେ ପାଠ ପଢ଼ାଉଥିବା ଖବର ରାଜା କୃଷ୍ଣଚନ୍ଦ୍ରଙ୍କ କର୍ଣ୍ଣଗୋଚର ହେବାମାତ୍ରେ ସେଥିଲାଗି ସେ ଗୋଟିଏ କୋଠାଘର ଯୋଗାଇ ଦେଇ ସେଠାରେ ବାଳିକା ବିଦ୍ୟାଳୟ ଆରମ୍ଭ କରିଥିଲେ । ପ୍ରତିବର୍ଷ ପାଠପଢ଼ାରେ ଭଲ କରୁଥିବା ଝିଅମାନଙ୍କୁ ସୁନା ଓ ରୁପା ଗହଣା ସହିତ ଶାଢ଼ି ପୁରସ୍କାର ଦେଉଥିଲେ । ଫଳରେ ବାଳିକା ସଂଖ୍ୟା ବୃଦ୍ଧି ପାଇଲା ଓ କ୍ରମଶଃ ଏହା ପାରଳାଖେମୁଣ୍ଡିର ପ୍ରଥମ ବାଳିକା ଉଚ୍ଚବିଦ୍ୟାଳୟରେ ପରିଣତ ହେଲା । ନିଜ ଶାସନ କାଳରେ ସେ ନିଜ ରାଜ୍ୟ ଭିତର ଦେଇ ନୂଆପଡ଼ା– ପାରଳାଖେମୁଣ୍ଡି ରେଳପଥକୁ ଗୁଣୁପୁର ଯାଏ ସମ୍ପ୍ରସାରିତ କରିଥିଲେ ।

କୃଷି ଓ ଶିଳ୍ପ ପାଇଁ ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ଯାହା ମଧ୍ୟରେ ଧାନ କଳ, ତେଲ କଳ ଏବଂ ଲୁହା କାରଖାନା ବସାଇଥିଲେ । ରାଜ୍ୟରେ ଜଳସେଚନର ସୁବିଧା ପାଇଁ ସେ ନଳିନୀ କୃଷ୍ଣସାଗର କାଶୀନଗରଠାରେ ଖୋଳାଇ ଥିଲେ। ସାହିତ୍ୟ ଗବେଷଣା ପାଇଁ ଗୋପୀନାଥ ନନ୍ଦ ଓ ଗୋପାଳ ପ୍ରହରାଜଙ୍କ ଭଳି ଗବେଷକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ପାରଳାଖେମୁଣ୍ଡିର ରାଜପ୍ରାସାଦର ଗଠନ ଶୈଳୀ ଓଡ଼ିଶାର ଅନ୍ୟ ଗଡ଼ଜାତ ରାଜବାଟୀ ମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହି ଭଳି ବିରାଟ ରାଜପ୍ରାସାଦ ସେ ସମୟରେ ଓଡ଼ିଶାରେ ପ୍ରଥମେ ନିର୍ମାଣ କରାଯାଇଥିଲା । ୧୮୩୫ରେ ଗଜପତି ମହାରାଜ ଜଗନ୍ନାଥ ନାରାୟଣ ଦେବ ତୃତୀୟଙ୍କ ଆଗ୍ରହରେ ବ୍ରିଟିଶ ଇଞ୍ଜିନିୟର ଏହାର ନକ୍ସା ପ୍ରସ୍ତୁତ କରିଥିଲେ। ଏଥିପାଇଁ ସେ ସମୟରେ ୨୪ଲକ୍ଷ ଟଙ୍କା ଅଟକଳ ରଖି ରାଜପ୍ରାସାଦ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା ଏବଂ ଅଗ୍ରିମ ୪ଲକ୍ଷ ଟଙ୍କା ମଧ୍ୟ ବ୍ରିଟିଶ ଇଞ୍ଜିନିୟରଙ୍କୁ ପ୍ରଦାନ କରାଯାଇଥିଲା। ପ୍ରସାଦର ରାଜଭବନ, ରାଣୀ ମହଲ ଏବଂ ଦରବାରୀ ଭବନଟି ଅନ୍ୟ ମହଲ ଅପେକ୍ଷା ଅଧିକ ସୁନ୍ଦର ଏବଂ ଆକର୍ଷଣୀୟ । ଏହା ମୋଟ ୭୨୦୦ସ୍କୋୟାର ଫିଟ୍ ମଧ୍ୟରେ ୮୦ଗୋଟି ବିଶାଳ ସ୍ତମ୍ଭ ଉପରେ ନିର୍ମାଣ ହୋଇଥିଲା। ପୂର୍ବେ ପ୍ରାସାଦ ପରିସର ମଧ୍ୟରେ ରାଜାଙ୍କ ଦାସୀ ଓ ଉପପତ୍ନୀ ପରିବାରମାନଙ୍କ ନିମନ୍ତେ ଭବନ ନିର୍ମାଣ କରାଯାଇଥିଲା, ଯାହା ଦେଶ ସ୍ୱାଧୀନ ତଥା ୧୯୫୬ ଜମିଦାରୀ ଶାସନ ପ୍ରଥା ଉଚ୍ଛେଦ ପରେ ଉକ୍ତ ଭବନକୁ ରାଜାଙ୍କ ବ୍ୟକ୍ତିଗତ ସମ୍ପତ୍ତିରୁ ବାଦ୍ ଦିଆଯାଇଥିଲା । ପ୍ରାସାଦର ଦରବାରି ଭବନ କାନ୍ଥଗୁଡ଼ିକରେ ତତ୍କାଳୀନ ଗୋରାବାବୁ ଏବଂ ଏଠାକାର ମହାରାଜାଙ୍କ ଦ୍ୱାରା ଶିକାର ସମୟରେ ନିହତ ବିଭିନ୍ନ ପଶୁ ଯଥା ଜଙ୍ଗଲୀ ଗୟଳ, ମହାବଳ, ଚିତା ବାଘ, ହରିଣ, ମିରିଗ ଆଦିଙ୍କ ଚମଡ଼ା, ମୁହଁ ଏବଂ ସିଂଘଗୁଡ଼ିକୁ ସଜାଯାଇଥିଲା, ଯାହା ପ୍ରାସାଦର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥିଲା। ଦରବାରି ହଲର ପ୍ରାରମ୍ଭରେ ମହାରାଜାଙ୍କ ସିଂହାସନ ଅବସ୍ଥିତ, ଯେଉଁଥିରେ ତତ୍କାଳୀନ ମହାରାଜାମାନେ ବିରାଜିତ ହୋଇ ପ୍ରଜାମାନଙ୍କ ସୁବିଧା ଅସୁବିଧା ବୁଝି ତା'ର ସମାଧାନ କରୁଥିଲେ।

କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓଙ୍କ ଦେହାନ୍ତ ପରେ ତାଙ୍କ ନାତି ଗୋପୀନାଥ ଗଜପତି ନାରାୟଣ ଦେଓ ୧୯୭୪ରେ ପାରଳା ରାଜ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ୧୦ ଜାନୁଆରୀ ୨୦୨୦ରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ପରେ ବର୍ତ୍ତମାନର ରାଣୀ ସାହେବା ସୁଶ୍ରୀ କଲ୍ୟାଣୀ ଗଜପତି ନାରାୟଣ ଦେବୀ ୨୦୨୦ରେ ଏହି ପାରମ୍ପରିକ ସିଂହାସନ ଉପରେ ବିରାଜିତ ହୋଇ ରାଜାଭିଷେକ ହୋଇଥିଲେ । ବର୍ତ୍ତମାନ ଏଠାକାର ବିକାଶ ନିମନ୍ତେ ସେ ପ୍ରୟାସ କରୁଛନ୍ତି।

–ଗିରିଧାରୀ ପରିଚ୍ଛା



## ହାଃ ହାଃ

### ଫରକ

ଶିକ୍ଷକ: ପିଲେ କହିଲ ଦେଖି ଡେଟ୍ ଓ ତାରିଖ ଭିତରେ ଫରକ କ'ଣ ?
ସମସ୍ତେ ଚୁପ୍ ହୋଇ ବସିଥାନ୍ତି। ଏତିକିବେଳେ
ପପୁ: ସାର୍, ମୁଁ କହିବି।
ଶିକ୍ଷକ: ହଉ କହ।
ପପୁ: ସାର୍, ଡେଟ୍‌ରେ ଗର୍ଲଫ୍ରେଣ୍ଡ ସହ ଯାଆନ୍ତି। ଆଉ ତାରିଖରେ ଓକିଲ ସହ ଯାଆନ୍ତି।

### ଚାର୍ଜିଂ

ଶୋଇବାକୁ ଗଲାବେଳେ ସ୍ତ୍ରୀ ସ୍ୱାମୀଙ୍କୁ: ମୋ ମୋବାଇଲ୍‌ରେ ଚାର୍ଜ ନାହିଁ। ପ୍ଲିଜ୍ ଟିକେ ଚାର୍ଜରେ ବସେଇ ଦିଅନା।
ସ୍ୱାମୀ: ରାତିରେ ଚାର୍ଜରେ ବସାନ୍ତିନି। ଏତେ ସମୟ ବସିଲେ ମୋବାଇଲ୍‌ର ବ୍ୟାଟେରୀ ଫାଟିଯିବାର ଆଶଙ୍କା ଅଛି।
ସ୍ତ୍ରୀ: ତମେ ବ୍ୟସ୍ତ ହୁଅନି। ଚାର୍ଜରେ ବସାଅ। ମୁଁ ମୋବାଇଲ୍‌ର ବ୍ୟାଟେରୀ ବାହାର କରି ତମକୁ ଦେଉଛି। ବ୍ୟାଟେରୀ ଫାଟିବନି।

### ଚାଖିବି

ମୁନା ବସି ବାଦାମ ଖାଉଥାଏ, ଏହା ଦେଖି ରାଜୁ: ମତେ ଟିକେ ଦିଅ ଚାଖିବି।
ମୁନା: ନେ ଗୋଟେ ଦାନା।
ରାଜୁ: କ'ଣ ଖାଲି ଗୋଟେ ଦାନା ?
ମୁନା: ଅଧିକ ନେଇ କ'ଣ କରିବୁ ? ସବୁ ବାଦାମର ଟେଷ୍ଟ ତ ଏକା।

### ଉଠଉନ


ମଣ୍ଟି ହାତରେ ନୂଆ ଫୋନ ଦେଖି ରାଜୁ: ନୂଆ ଫୋନ୍ କିଣିଛୁ କି ?
ମଣ୍ଟି: ନାଇଁରେ ଗର୍ଲଫ୍ରେଣ୍ଡର।
ରାଜୁ: ତା' ଫୋନ୍ କାହିଁକି ନେଇ ଆସିଛୁ ?
ମଣ୍ଟି: ମତେ ସବୁଦିନ କହୁଥିଲା ମୋ ଫୋନ ଉଠଉନ, ମୋ ଫୋନ୍ ଉଠଉନ। ଆଜି ମଉକା ମିଳିଲା। ଆଉ ମୁଁ ତା' ଫୋନ୍ ଉଠେଇକି ନେଇ ଆସିଲି।

# ପାର୍ବଣରେ ଭ୍ରମଣ





ଅଶୁଭ ଉପରେ ଶୁଭର, ପାପ ଉପରେ ପୁଣ୍ୟର ବିଜୟପ୍ରାପ୍ତିର ପ୍ରତୀକ ଭାବେ ଦେଶର ବିଭିନ୍ନ ସ୍ଥାନରେ ଦୁର୍ଗାପୂଜାକୁ ପାଳନ କରାଯାଇଥାଏ। ତେବେ ପୂଜା ଛୁଟିର ଭରପୂର ଆନନ୍ଦ ନେବା ପାଇଁ କେଉଁ ସ୍ଥାନକୁ ବୁଲିଗଲେ ଠିକ୍ ହେବ ଜାଣନ୍ତୁ ସେ ସମ୍ପର୍କରେ...





**ପା**ର୍ବଣ ଋତୁ ଆସିଲେ ପରିବେଶ ବେଶ୍ ମନୋରମ ହୋଇଉଠେ। ମା' ଦୁର୍ଗାଙ୍କ ପେଣ୍ଡାଲର ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ ରାସ୍ତାଘାଟର ଝିଲିମିଲି ଦୃଶ୍ୟ ସଭିଙ୍କ ମନକୁ ମୋହିନିଏ। ଘରେ ଘରେ ପୂଜା ପାଇଁ ନାନାଦି ଆୟୋଜନ କରାଯାଏ। କେହି କେହି ତ ଏ ସମୟରେ ବିଭିନ୍ନ ସ୍ଥାନକୁ ବୁଲିଯିବା ପାଇଁ ପ୍ଲାନିଂ ବି କରିଥାନ୍ତି। ତେବେ ପାର୍ବଣ ଅବସରରେ କେଉଁ ସ୍ଥାନକୁ ବୁଲିଗଲେ ମା'ଙ୍କ ଭଲ ଦର୍ଶନ ସହ ନୂଆ ନୂଆ ଅନୁଭୂତି ମିଳିପାରିବ, ସେ ସମ୍ପର୍କିତ ଏହି ଆଲେଖ୍ୟ...

✲ **କୋଲକାତା:** ଦୁର୍ଗା ପୂଜା ପାଇଁ ସବୁଠାରୁ ପ୍ରସିଦ୍ଧ ସ୍ଥାନ ହେଉଛି କୋଲକାତା। ପାର୍ବଣ ଋତୁ ଅବସରରେ ଏହି ସହରକୁ ନବବଧୂ ପରି ଆକର୍ଷଣୀୟ ଭାବେ ସଜାଯାଇଥାଏ। ମା'ଙ୍କ ପାଇଁ ବିଭିନ୍ନ ସ୍ଥାନରେ ଖୁବ୍ ବଡ଼ ବଡ଼ ତୋରଣ ଓ ମେଢମାନ ତିଆରି କରାଯାଇଥାଏ। ପର୍ଯ୍ୟଟକ ଏଠାକାର ବିଭିନ୍ନ ପେଣ୍ଡାଲକୁ ବୁଲିଯାଇ ମା'ଙ୍କ ଦର୍ଶନ କରିବା ସହ ପାରମ୍ପରିକ ବେଙ୍ଗଲି ବ୍ୟଞ୍ଜନର ସ୍ୱାଦ ନେଇପାରିବେ। ତା'ସହିତ ଆୟୋଜନ କରାଯାଇଥିବା ସାଂସ୍କୃତିକ ଉତ୍ସବର ମଧ୍ୟ ଆନନ୍ଦ ଲଭିପାରିବେ।

✲ **ହୁଗ୍ଲି:** ମୂର୍ତ୍ତିକାରଙ୍କ ସହର ଭାବେ ବେଶ୍ ଲୋକପ୍ରିୟ ପଶ୍ଚିମବଙ୍ଗର ହୁଗ୍ଲି ସହର। ଏଠାରେ ବର୍ଷସାରା ମୂର୍ତ୍ତିକାରଙ୍କୁ ମୂର୍ତ୍ତି ତିଆରି କରୁଥିବାର ଦେଖିବାକୁ ମିଳିଥାଏ। ପର୍ଯ୍ୟଟକ ଦୁର୍ଗା ପୂଜା ଅବସରରେ ଏଠାକୁ ଯାଇ ମା'ଙ୍କ ଖୁବ୍ ସୁନ୍ଦର ଭବ୍ୟ ମୂର୍ତ୍ତିମାନ ତିଆରି ହୋଇଥିବାର ଦେଖିବା ସହ କିଛିଟା ଭିନ୍ନ ଅନୁଭୂତି ମଧ୍ୟ ସାଉଁଟିପାରିବେ।

✲ **ଦିଲ୍ଲୀ:** ଉଭୟ ପ୍ରାଚୀନତା ତଥା ଆଧୁନିକତାର ସମନ୍ୱୟ ଦେଖିବାକୁ ମିଳିଥାଏ ଏଠାରେ। ପର୍ଯ୍ୟଟନ ଦୃଷ୍ଟି କୋଣରୁ ଦେଖିଲେ ବର୍ଷର ଯେ କୌଣସି ସମୟରେ ଏଠାକୁ ବୁଲିଗଲେ ବୁଲିବାର ଭରପୂର ଆନନ୍ଦ ଉଠାଇ ହୋଇଥାଏ। ବିଶେଷକରି ଦୁର୍ଗା ପୂଜା ଅବସରରେ ଏଠାରେ ମଧ୍ୟ ବିଭିନ୍ନ ସ୍ଥାନରେ ଖୁବ୍ ସୁନ୍ଦର ସୁନ୍ଦର ଐତିହାସିକ ତଥା ଭବ୍ୟ ପେଣ୍ଡାଲ ମା'ଙ୍କ ସ୍ୱାଗତ ପାଇଁ ଗଢାଯାଇଥାଏ। ତା'ସହିତ ସାଂସ୍କୃତିକ ଉତ୍ସବ ତଥା ପର୍ଯ୍ୟଟକଙ୍କ ମନମୋହିବା ପାଇଁ ନାନାଦି ବ୍ୟଞ୍ଜନ ଓ କ୍ରୀଡ଼ାର ଆୟୋଜନ କରାଯାଇଥାଏ। ପର୍ଯ୍ୟଟକ ଏଠାରେ ବିଭିନ୍ନ ଐତିହାସିକ ପେଣ୍ଡାଲ ବୁଲି ଭିନ୍ନ ଭିନ୍ନ ଅନୁଭୂତି ସାଉଁଟିପାରିବେ।

✲ **ମୁମ୍ବାଇ:** ଏଠାରେ ବି ଦୁର୍ଗା ପୂଜାକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ। ମା'ଙ୍କ ପାଇଁ ଆକର୍ଷଣୀୟ ପେଣ୍ଡାଲ, ଆତସବାଜିର ଧମାକା, ଡାଣ୍ଡିଆ ନାଇଟ୍, ନାନାଦି ସୁସ୍ୱାଦୁ ବ୍ୟଞ୍ଜନ, ବିଭିନ୍ନ ପ୍ରକାର କୌତୂକିଆ ଖେଳ ସାଙ୍ଗକୁ ବୁଲାବୁଲିର ଭରପୂର ମଜା ନେବାକୁ ପାର୍ବଣ ଅବସରରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଏଠାରେ ଦେଖିବାକୁ ମିଳିଥାଏ।

✲ **ଅହମ୍ମଦାବାଦ:** ହିନ୍ଦୁ ବାସ୍ତୁକଳାର ଅନେକ ନିଚ୍ଛକ ଉଦାହରଣ ଏହି ସହରରେ ଦେଖିବାକୁ ମିଳେ। ପାର୍ବଣ ଅବସରରେ ଏହି ସହର ଏତେ ଆକର୍ଷଣୀୟ ଭାବେ ସଜେଇ ହୋଇଥାଏ ଯେ ଯାହାକୁ ଆଖିରେ ନ ଦେଖିଲେ ବିଶ୍ୱାସ କରିବା ଅସମ୍ଭବ। ତା'ସହିତ ଆଗନ୍ତୁକଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ଛୋଟ ବଡ଼ ମେଳାର ବି ଆୟୋଜନ କରାଯାଇଥାଏ ଏହି ସମୟରେ। ବିଶେଷକରି ଦୁର୍ଗା ପୂଜା ଅବସରରେ ଅହମ୍ମଦାବାଦ୍‌ରେ ଡାଣ୍ଡିଆ ଓ ଗର୍‌ବା ନୃତ୍ୟର ଆକର୍ଷଣୀୟ ଝଲକ ଦେଖିବାକୁ ମିଳେ। ମା'ଙ୍କ ପାଇଁ ବିଭିନ୍ନ ସ୍ଥାନରେ ପୂଜାର ଆୟୋଜନ ବି କରାଯାଇଥାଏ। ପର୍ଯ୍ୟଟକ ଏଠାରେ ଡାଣ୍ଡିଆ ଓ ଗର୍‌ବା ସମାରୋହରେ ଭାଗ ନେଇ ରାତିସାରା ନୃତ୍ୟ କରିବା ସହ ରଙ୍ଗିନ ଆତସବାଜିର ମଧ୍ୟ ନିଆରା ଅନୁଭୂତି ନେଇପାରିବେ।

ତେବେ କେବଳ ଏହିସବୁ ସ୍ଥାନ ନୁହେଁ, ବାରାଣସୀ, ଗୁଆହାଟି, କୁଲ୍ଲୁ, ପୁଣେ ଏପରି କି ଦକ୍ଷିଣ ଭାରତର ଅନ୍ୟ କିଛି ସ୍ଥାନରେ ବି ଦୁର୍ଗାପୂଜାକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ, ଯେଉଁଠାକୁ ପର୍ଯ୍ୟଟକ ଯାଇ ପୂଜା ଛୁଟିର ଭରପୂର ଆନନ୍ଦ ଉଠାଇପାରିବେ। ତା'ସହିତ ସେଠାକାର କିଛି ନିଆରା ପରମ୍ପରା ସମ୍ପର୍କରେ ଭିନ୍ନ ଅନୁଭୂତି ମଧ୍ୟ ସାଉଁଟିପାରିବେ।





# ପୂଜାରେ ଲାଲ୍ ଧଳା ଶାଢ଼ିର ମହତ୍ତ୍ୱ



**ଦୁର୍ଗାପୂଜା ଅବସରରେ ମହିଳାମାନେ ସାଧାରଣତଃ ଧଳାରଙ୍ଗରେ ଲାଲ୍ ଧଡ଼ି ଥିବା ଶାଢ଼ି ପିନ୍ଧୁଥିବା ଦେଖିଥିବେ। ଖାସ୍‌କରି ବଙ୍ଗୀୟ ମହିଳାମାନେ ପୂଜାରେ ଏହି ଶାଢ଼ି ଅଧିକ ପିନ୍ଧନ୍ତି । ତେବେ ଏହା କେବଳ କ'ଣ ସୁନ୍ଦର ଦେଖାଯିବା ତଥା ଫ୍ୟାଶନ ପାଇଁ ପିନ୍ଧାଯାଏ ନା ଏହା ପଛରେ ଅଛି ଅନ୍ୟ କିଛି କାରଣ, ଜାଣନ୍ତୁ ସେ ସମ୍ପର୍କରେ...**



ଧଳାରଙ୍ଗରେ ଲାଲ୍ ବର୍ଡର ଥିବା ଶାଢ଼ି କେବଳ ଫ୍ୟାଶନ ଅବା ସୌନ୍ଦର୍ଯ୍ୟ ପାଇଁ ପିନ୍ଧାଯାଏ ନାହିଁ। ବରଂ ଏହା ପଛରେ ଗଭୀର ଧାର୍ମିକ, ସାଂସ୍କୃତିକ ଓ ଭାବନାତ୍ମକ ମହତ୍ତ୍ୱ ରହିଛି। ଏଭଳି ଶାଢ଼ି ପିନ୍ଧିବା ପରମ୍ପରା ଖାସ୍‌କରି ପଶ୍ଚିମବଙ୍ଗ ଓ ପୂର୍ବ ଭାରତରେ ବହୁ ଲୋକପ୍ରିୟ। ଏଠାରେ ଏହା ଏକ ପରମ୍ପରା। ହେଲେ ଏବେ ସାରା ଭାରତରେ ଏହା ବେଶ୍ ଲୋକପ୍ରିୟ ହୋଇଯାଇଛି। କହିବାକୁ ଗଲେ ଏହି ଶାଢ଼ି ପିନ୍ଧିବା ଏକ ଟ୍ରେଣ୍ଡ ପାଲଟିଗଲାଣି।

ଲାଲ ରଙ୍ଗକୁ ହିନ୍ଦୁଧର୍ମରେ ଶକ୍ତି, ଉର୍ଜା ଓ ସୌଭାଗ୍ୟର ପ୍ରତୀକ ଭାବେ ଗଣନା କରାଯାଏ। ଏହି ରଙ୍ଗ ଦେବୀ ଦୁର୍ଗାଙ୍କ କ୍ରୋଧ ଓ ଶକ୍ତିର ପ୍ରତିନିଧିତ୍ୱ କରିଥାଏ।



ଅନ୍ୟପକ୍ଷେ ଧଳାରଙ୍ଗ ଶାନ୍ତି, ପବିତ୍ରତା ଓ ନାରୀତ୍ୱର ପ୍ରତୀକ। ଯେବେ ମହିଳାମାନେ ଦୁର୍ଗାପୂଜାରେ ଲାଲ୍ ବର୍ଡର ଥିବା ଏହି ଧଳା ଶାଢ଼ି ପିନ୍ଧନ୍ତି, ଏହା ଦେବୀ ଦୁର୍ଗାଙ୍କର ଦୁଇ ରୂପ ଶାନ୍ତ ଓ ଶକ୍ତିର ପ୍ରତୀକ ହୋଇଯାଏ।

**ପାରମ୍ପରିକ ଶାଢ଼ି:** ଧଳାରଙ୍ଗରେ ଲାଲରଙ୍ଗର ଧଡ଼ିଥିବା ଏହି ଶାଢ଼ିକୁ ପଶ୍ଚିମବଙ୍ଗରେ 'ଲାଲପାଡ଼' ଶାଢ଼ି କୁହାଯାଏ। ଏହା ଏକ ପାରମ୍ପରିକ ପରିଧାନ, ଯାହାକୁ ଖାସ୍‌କରି ଦୁର୍ଗାପୂଜା, ସିନ୍ଦୂର ଖେଳ ଓ ଅଷ୍ଟମୀ ଦିନ ପିନ୍ଧାଯାଏ। ଏହାକୁ ସଂସ୍କୃତିର ପରିଚୟ ଭାବେ ବି ଗ୍ରହଣ କରାଯାଏ। ପୂଜା ସମୟରେ ଏହାକୁ ପିନ୍ଧିବା ଶୁଭ ବୋଲି ମଣାଯାଏ। ତେଣୁ ପୂଜାପାଠ, ବିବାହ ଭଳି ଅବସରରେ ଏହି ଶାଢ଼ି ପିନ୍ଧାଯାଏ। ଏହି ଶାଢ଼ି ପ୍ରଥମେ ହାତରେ ବୁଣା ଯାଉଥିଲା, ଯାହାକୁ କଟନ କିମ୍ବା ରେଶମରେ ତିଆରି କରାଯାଉଥିଲା। ଏହାକୁ ପିନ୍ଧିବା ଭାରି ଆରାମଦାୟକ।

ଦୁର୍ଗାପୂଜା ଶେଷଦିନ ଅର୍ଥାତ୍ ବିଜୟା ଦଶମୀରେ ମହିଳାମାନେ ସିନ୍ଦୂର ଖେଳ ଖେଳନ୍ତି। ଏହି ଅବସରରେ ମହିଳାମାନେ ଲାଲ ଧଡ଼ି ଥିବା ଏହି ଶାଢ଼ି ପିନ୍ଧନ୍ତି ଓ ମହିଳାମାନେ ପରସ୍ପରକୁ ସିନ୍ଦୂର ଲଗାନ୍ତି। ଏହି ପରମ୍ପରା ସୌଭାଗ୍ୟ, ଏକତା ଓ ଦେବୀଙ୍କ ଆଶୀର୍ବାଦର ପ୍ରତୀକ। ଏକ ପ୍ରକାର ଶାଢ଼ି ପିନ୍ଧିଲେ ସାମୂହିକତା ଓ ଉତ୍ସବର ଭାବ ପ୍ରବଳ ହୋଇଥାଏ। ଏହି ଶାଢ଼ି ନାରୀତ୍ୱ, ଶ୍ରଦ୍ଧା ଓ ଭାରତୀୟତାର ପ୍ରତୀକ ମଧ୍ୟ। ଏହା କେବଳ ଧାର୍ମିକ ପରିଧାନ ନୁହେଁ, ବରଂ ଏକ ଭାବନାତ୍ମକ ସମ୍ପର୍କ ବି ରହିଛି ଏହାସହ, ଯାହା ପିଢ଼ି ପରେ ପିଢ଼ି ଚାଲିଆସୁଛି।

# ମୋବାଇଲ ଫିଙ୍ଗା ପ୍ରତିଯୋଗିତା



ମୋବାଇଲ ଫୋନ୍ ଆଜିକାଲି ସମସ୍ତଙ୍କର ଭାରି ପ୍ରିୟ। ଏତେ ପ୍ରିୟ ପାଲଟିଛି ଯେ, ପାଖରେ ଦଣ୍ଡେ ନ ଥିଲେ ପାଗଳପ୍ରାୟ ଲାଗେ। ଆଉ ଯଦି ହାତରୁ ହଠାତ୍ ଖସିଯାଏ ତ ହୃତପିଣ୍ଡର ଏକ ଟୁକୁଡ଼ା ଖସିଗଲା ପରି ମନେ ହୁଏ। ଏମିତିରେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ମୋବାଇଲ ଫିଙ୍ଗିବାର ଏକ ପ୍ରତିଯୋଗିତା ଆୟୋଜନ ହୋଇଥାଏ। ଭାବୁଥିବେ କିଏ କ'ଣ ମୋବାଇଲକୁ ନିର୍ଦ୍ଦୟଭାବେ ଫିଙ୍ଗିପାରିବେ ? ହେଲେ ପ୍ରକୃତରେ ଏମିତି ଏକ ପ୍ରତିଯୋଗିତାର ଆୟୋଜନ ହୁଏ। ସେ ପୁଣି ଫିନ୍‌ଲାଣ୍ଡରେ। ୨୦୦୦ ମସିହାରୁ ଆରମ୍ଭ ହୋଇଛି ଏହି ପ୍ରତିଯୋଗିତା। ଆଉ ଧୀରେ ଧୀରେ ଏହା ଅନ୍ତଃରାଷ୍ଟ୍ରୀୟ ରୂପ ନେଇଗଲାଣି। ଫିନ୍‌ଲାଣ୍ଡର ସେବନଲିନ୍ନା ସହରରେ ପ୍ରତିବର୍ଷ ଏହି ପ୍ରତିଯୋଗିତା ଆୟୋଜିତ ହୁଏ। ବିଭିନ୍ନ ଦେଶର ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରନ୍ତି। ପ୍ରତିଯୋଗିତାଟି ଭାରି ସରଳ। ଏଥିରେ ଯିଏ ଯେତେଦୂର ମୋବାଇଲ ଫିଙ୍ଗିପାରିବେ ସେ ବିଜୟୀ ହେବେ। ପ୍ରତିଯୋଗୀ ସଟ୍‌ପୁଟ୍, ଡିସ୍‌କସ୍‌କୁ ଫିଙ୍ଗିଲା ଭଳି ମୋବାଇଲ୍ ଫୋନ୍‌କୁ ଜୋର୍ ଲଗାଇ ଫିଙ୍ଗନ୍ତି। ପ୍ରତିଯୋଗିତାକୁ ଦେଖିଲେ ବିଶ୍ୱାସ କରିହେବନି ସତରେ କ'ଣ କେହି ଫୋନ୍‌କୁ ଏମିତି ଫିଙ୍ଗିପାରନ୍ତି। ହେଲେ ବିଜୟୀ ହେବା ଆଶାରେ ଏଠି ପ୍ରତିଯୋଗୀ ପୁରୁଣା ମୋବାଇଲ୍‌କୁ ଫିଙ୍ଗିଥାନ୍ତି। ଆଉ ଏକ ରୋଚକ କଥା ହେଲା ଯିଏ ବହୁତ ଦୂର ଫିଙ୍ଗି ବିଜୟୀ ହୁଅନ୍ତି ତାଙ୍କୁ ଏକ ନୂଆ ଦାମୀ ମୋବାଇଲ ଫୋନ୍ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥାଏ।



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ଦେବତା, ଭଗବାନ ଓ ଈଶ୍ୱର

( ଭାଗ-୧୪ )

ଭକ୍ତ ସାରିଆ ଭିକଙ୍କ ଏକ ସୁନ୍ଦର ଭଜନଟିଏ ଅଛି ଯାହା ବହୁଳ ପ୍ରଚାରିତ । ଅବସର ବା କାର୍ଯ୍ୟରତ ଥିବା ସମୟରେ ମନ ଟିକେ ହାଲୁକା ଥିଲେ ଅନେକ ସଂସାରୀ ଗୁଣୁ ଗୁଣୁ ହୋଇ ଏଇ ଗୀତକୁ ଗାଇ ବସନ୍ତି- 'ଥକାମନ ଚାଲ ଯିବା ଚକାନୟନ ଦେଖିବା, ଶଙ୍ଖ ନାଭି ମଣ୍ଡଳରେ ବେନି ନେତ୍ର ପଖାଳିବା ।' ବିବେକ କହୁଛି ମନକୁ, ଆରେ ମନ ! ସଂସାରରେ ବହୁତ ବୁଲିଲୁଣି । ନିଶ୍ଚେ ଥକା ଲାଗୁଥିବ । ଆଉ ବୁଲୁନା... । ଯଦି ବୁଲିବାର ଇଚ୍ଛା ହେଉଛି ତେବେ ଚାଲ ସେଇ ଚକାନୟନକୁ ଟିକେ ଦେଖି ଆସିବା । ସେ ଚକାଆଖି । ରୁହନ୍ତି ଶଙ୍ଖନାଭି ମଣ୍ଡଳରେ । ସେ ଆଖି ଖୁବ୍ କମନୀୟ । ସେ ଆଖିରେ ଥରେ ଯିଏ ଆଖି ମିଶେଇଛି, ତା' ଆଖି ସେଇଠି ଲାଖି ଯାଇଛି । ଚକାଆଖି ସହ ସଂସାରୀ ଚର୍ମ ଚକ୍ଷୁର ଅପୂର୍ବ ମହାମିଳନ । ଏହାକୁ ବର୍ଣ୍ଣନା କରିବାକୁ ସଂସାରରେ କେହି ବି ସମର୍ଥ ହୋଇ ପାରିନାହାନ୍ତି । ସେଥିପାଇଁ କବି ମହାତ୍ମା କହିଛନ୍ତି- କମନୀୟ ଚକାଆଖି ଦେଖି ଆଖି ରହେ ଲାଖି, ଲେଖି କେ ପାରିବ ଏହି ବିଶ୍ୱ ବ୍ରହ୍ମାଣ୍ଡେ... । ସେଇ ଚକାଆଖିକୁ ଚାହିଁ ନିଜ ଚର୍ମ ଚକ୍ଷୁକୁ ଟିକେ ପଖାଳି ଦେଲେ ଆମ ଦୃଷ୍ଟିଦୋଷ ଦୂର ହୋଇଯାଏ । ଆମ ସମସ୍ତଙ୍କ ଦୃଷ୍ଟିଦୋଷ ଅଛି । ସେ ଦୃଷ୍ଟିଦୋଷ କ'ଣ, ତାହା ଆମେ ପର ମୁହୂର୍ତ୍ତରେ କେବେ ଆଲୋଚନା କରିବା ।

ଉକ୍ତ ଭଜନର ପରବର୍ତ୍ତୀ ପଦଟି ହେଉଛି- ବାଟରେ ବାଟମଙ୍ଗଳା,ଦେଖିବା ଅଠର ନଳା,ପାଞ୍ଚମନ ଏକ ମେଳା ନରେନ୍ଦ୍ରରେ ସ୍ନାନ କରିବା... । ବାଟରେ ବାଟମଙ୍ଗଳାଙ୍କୁ ପହିଲେ ଦର୍ଶନ କରିବା ଉଚିତ । ସେ ବାଟମଙ୍ଗଳା କିଏ ? ସେ କାହିଁକି ବାଟରେ ବସିଛନ୍ତି ? ତାହା ଅଲଗା ଏକ ଆଲୋଚନାର ବିଷୟ । ତା' ପରେ ରହିଲା ୧୮ ନଳା । ଏହାକୁ ମଧ ଦେଖିବାକୁ ପଡିବ । ଏହା ମଧ ଏକ ବିଚିତ୍ର କଥା ପାଠକେ ! ଧରନ୍ତୁ କୌଣସି ଜଙ୍ଗଲରେ ଆପଣ ଦୁଇଟି ବାଘ ଦେଖିଲେ । କେତୋଟି ବାଘ ଦେଖିଲେ ବୋଲି ଯେତେବେଳେ କ୍ୟାମେରା ଧରି ସାମ୍ବାଦିକମାନେ ଆପଣଙ୍କୁ ପଚାରିବେ ସେତେବେଳେ ଆପଣ ଉତ୍ତରରେ କ'ଣ 'ତିନି ' କିମ୍ବା 'ଏକ' କହିବେ କି ? ଆଦୌ ନୁହେଁ । ଦୁଇଟି ବାଘ ଦେଖିଲି ବୋଲି କହିବେ ନା । ଠିକ୍ ସେମିତି ଦୁନିଆ ଯାକର ସବୁ ଲୋକେ ଦେଖୁଛନ୍ତି ଯେ ନଳାର ମୋଟ ସଂଖ୍ୟା ହେଉଛି ୧୯ । କିନ୍ତୁ ଲୋକ ମୁଖରେ କାହିଁକି ୧୮ ବୋଲି ମିଥ୍ୟା ତଥ୍ୟ ପ୍ରଚାରିତ ହେଉଛି ସନ୍ନ୍ୟାସୀ ଜାଣିପାରୁନି । ଯଦି କିଏ କହିବ ଯେ ସାରିଆ ଭିକ ଉକ୍ତ ଜଣାଣଟିକୁ ଲେଖୁଥିବା ସମୟରେ ୧୮ଟି ନଳା ଥିଲା । ପରେ ଆଉ ଗୋଟିଏ ଅଧିକ ହୋଇଛି । ଠିକ୍ ଅଛି ଯଦି ବି ଏ ଯୁକ୍ତି କି ମାନି ନିଆଯାଏ ତେବେ ଜଣାଣକୁ ସଂଶୋଧନ କରି ଗାଇଲେ କ'ଣ ମହାଭାରତ ଅଶୁଦ୍ଧ ହୋଇଯିବ ? ୧୯ଟି ନଳାକୁ ଦେଖି ଆଜିକାର ପ୍ରଜ୍ଞାବାନ ଶିଶୁପୁତ୍ରଟିଏ ଯଦି ବାପାଙ୍କୁ ପଚାରେ 'ବାପା ! ୧୯ ଟି ନଳା ଥିବାବେଳେ ତୁମେ କାହିଁକି ୧୮...୧୮ ବୋଲି ଘୋଷି ହେଉଛ ?' ତେବେ କେମିତି ଦିଆଯାଇପାରିବ ତା' ପ୍ରଶ୍ନର ସମୁଚିତ ଉତ୍ତର ? ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ବିଧି ବାବଦରେ ଆଲୋଚନା କରିବା ବେଳେ ସେଦିନ ଜଣେ ପାଲା ଗାୟକ ଏଇ ୧୮ ନଳାକୁ ତତ୍ତ୍ୱରେ ବର୍ଣ୍ଣନା କରି କହୁଥିଲେ ଯେ ଆମ ଭିତରେ ଥିବା ୧୮ଟି ଦୁର୍ଗୁଣ (ଟାଣିଓଟାରି ଦୁର୍ଗୁଣଗୁଡିକ ସଂଖ୍ୟାକୁ ସେ ଅବଶ୍ୟ ୧୮କୁ ନେଇ ଆସିଲେ) ନ ଛାଡିଲେ ଆମେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନର ଫଳ ପାଇବାନି ବୋଲି କହୁଥିଲେ । ନଳାରୁ ସବୁବେଳେ ମଇଳା ପାଣି ବାହାରେ । ଦୁର୍ଗୁଣଗୁଡିକ ହେଉଛି ଆମ ଶରୀରର ମଇଳା ପାଣି । ସେଗୁଡିକୁ ନ କାଢ଼ିଲେ ମନ ସଫା ହେବ କେମିତି ? ଅବଶ୍ୟ ଲୋକଶିକ୍ଷା ଦୃଷ୍ଟିରୁ ଏ ପ୍ରକାର ବର୍ଣ୍ଣନା ଆଦୌ ମନ୍ଦ ନୁହେଁ । ଖୁବ୍ ଭଲ କଥା, କିନ୍ତୁ କେହି ବି ଜଣେ ଆଗେଇ ଆସି ପଦକୁ ସଂଶୋଧନ କରି କହୁନି ଯେ 'ବାଟରେ ବାଟମଙ୍ଗଳା, ଦେଖିବା ଉଣେଇଶ ନଳା' ବୋଲି । ଯେଉଁଦିନ ୧୯ ନଳା



ବୋଲି ସର୍ବତ୍ର ପ୍ରଚାରିତ ହୋଇଯିବ ଆମ ପାଲାକାର କିମ୍ବା ତତ୍ତ୍ୱବିତ୍‌ମାନେ ଆଉ ଗୋଟିଏ ଦୁର୍ଗୁଣକୁ ଯୋଡି ଦେଇ ୧୯ ନଳା ସହିତ ସମତୁଲ କରି କହିବା ଆରମ୍ଭ କରିଦେବେ । କେବଳ ସେତିକି ନୁହେଁ ଆଜ୍ଞା, ଆଉ ୫୦ କି ୧୦୦ ବର୍ଷ ଯାଉ ଆମ ଉତ୍ତର ପିଢ଼ି ପୂର୍ବ ସରକାରଙ୍କ ଅମଳରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ତିଆରି ହୋଇଥିବା 'ପରିକ୍ରମା ପ୍ରକଳ୍ପ'କୁ ନେଇ ଆମ ପାଲାକାର, ପ୍ରବଚକ ବା ତତ୍ତ୍ୱବିତ୍‌ମାନଙ୍କ ମୁଖରୁ ଯାହା ଶୁଣାଯିବ ତାହା ଏବେଠୁ ସନ୍ନ୍ୟାସୀ କହି ରଖୁଛି- ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ବେଦପତି ବ୍ରହ୍ମା ଦିନେ ଶ୍ରୀକ୍ଷେତ୍ରକୁ ଆସି ପୂର୍ବ ବା ସିଂହଦ୍ୱାର ସମ୍ମୁଖରେ ଉଭା ହେଲେ । ସେତେବେଳେ ସିଂହଦ୍ୱାର ବନ୍ଦ ଥିଲା । କାଳେ ଦକ୍ଷିଣ ଦ୍ୱାର ଖୋଲା ଥିବ ଭାବି ବ୍ରହ୍ମା ଦକ୍ଷିଣ ଦ୍ୱାର ଆଡକୁ ଧାଇଁଲେ । ତାହା ବି ବନ୍ଦ ଥିଲା । ପ୍ରଭୁଙ୍କୁ ଦର୍ଶନ କରିବାର ଉଦବେଳନକୁ ସମ୍ଭାଳି ନ ପାରି ସେ ପୁଣି ପଶ୍ଚିମ ଦ୍ୱାର ଆଡକୁ ମାଡିଗଲେ । ବ୍ରହ୍ମାଙ୍କ ବେଳ ଖରାପକୁ ସେ ଦ୍ୱାର ବି ବନ୍ଦ ଥିଲା । ଆଉ ବାକି ଥାଏ ଗୋଟିଏ ଦ୍ୱାର । ଉତ୍ତର ଦ୍ୱାର । ସେଠାରେ ପହଞ୍ଚି ନିରାଶ ହେବାରୁ ଗଭୀର ମନସ୍ତାପରେ ପୁଣି ପୂର୍ବ ଦ୍ୱାର ଅର୍ଥାତ୍ ସିଂହ ଦ୍ୱାର ନିକଟକୁ ଫେରି ଆସନ୍ତେ ତ ଧଇଁସଇଁ ଅବସ୍ଥାରେ ଥିବା ବ୍ରହ୍ମାଙ୍କୁ ଦେଖି ମୁରୁକି ହସା ହସି ପ୍ରଭୁ ତାଙ୍କୁ ଦର୍ଶନ ଦେଲେ । ଶ୍ରୀମନ୍ଦିର ଚାରିପଟେ ବ୍ରହ୍ମା ପରିକ୍ରମା କରିଥିବାରୁ ସେଇଦିନଠୁ ତାହାକୁ 'ପରିକ୍ରମା ମାର୍ଗ' ବୋଲି କୁହାଗଲା । ବୋଲିଏ.. ଆନନ୍ଦକନ୍ଦ ଭଗବାନ କି.... ଜୟ.. ।... ଦେଖିବେ ଏମିତି ହିଁ କୁହାଯିବ ।

ସାରିଆ ଭିକ ଲେଖିଲେ ଯେ 'ବାଟ ମଙ୍ଗଳା'ଙ୍କୁ ପ୍ରଥମେ ଦର୍ଶନ କରିବ । ଏହାକୁ ବି ଆମେ ପୌରାଣିକ ତଥ୍ୟ ବା ତତ୍ତ୍ୱ ଦୃଷ୍ଟିରୁ ତର୍ଜମା କରି କହିଦେଲୁ ଯେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ବିଧିଟି ପ୍ରଥମେ 'ବାଟମଙ୍ଗଳା'ରୁ ଆରମ୍ଭ ହେବା ଉଚିତ । ଯେଉଁ ଭକ୍ତମାନେ ସିନା କଟକ ବା ଭୁବନେଶ୍ୱର ଆଡୁ ଯାଉଥିବେ ସେମାନଙ୍କ ଯିବା ବାଟରେ ମା' ବାଟମଙ୍ଗଳା ପଡିବେ । ସେମାନେ ଦର୍ଶନ କରି କି ଯାଇପାରିବେ କିନ୍ତୁ ଯେଉଁ ଭକ୍ତମାନେ ପୁରୀ ବା ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବେ ସେମାନେ କେମିତି 'ବାଟମଙ୍ଗଳା'ଙ୍କୁ ଦର୍ଶନ କରି ଆମ ଦ୍ୱାରା ପ୍ରସ୍ତୁତ 'ଶ୍ରୀଜଗନ୍ନାଥ ଦର୍ଶନ ବିଧି' ନିୟମକୁ ପରିପାଳନ କରିବେ ?

ହୁଏତ ଏ ଦ୍ୱନ୍ଦ୍ୱରୁ ମୁକୁଳିବା ପାଇଁ ଏ କଥାଟିକୁ ଆଉ ଟିକେ ପ୍ରଶସ୍ତ ଭାବେ କୁହାଯାଇପାରେ । ଶ୍ରୀମନ୍ଦିରକୁ ଯିବାବେଳେ ଯାହାଙ୍କ ପାଇଁ 'ମା' ବାଟମଙ୍ଗଳା'ଙ୍କୁ ଦର୍ଶନ କରିବାର ସୁଯୋଗ ଆସୁଛି ସେମାନେ ଖୁସି ହେବାର କିମ୍ବା ଯାହାଙ୍କ ପାଇଁ ସୁଯୋଗ ନ ଆସୁଛି ସେମାନେ ମନ ଦୁଃଖ କରିବାର କିଛି କାରଣ ନାହିଁ । ଯାହା କଲେ ଶ୍ରୀଜଗନ୍ନାଥ ବା ପରମାତ୍ମା ଖୁସି ହେବେ ଆମକୁ ତାହା କରିବାର ଅଛି । ବାଟମଙ୍ଗଳା ନାଁଟି ଆମମାନଙ୍କୁ ଏଇ ସଙ୍କେତ ଦେଉଛି ଯେ ହେ କଳିହାତ ମାନବ ! ତୁମେ ଅବାଟରେ ଯାଅନା । ବାଟରେ ଯାଅ । ଦୁର୍ନୀତି, ଟାଉଟରି, ପ୍ରିୟାପ୍ରୀତି, ଠକାମି, ଷଡଯନ୍ତ୍ର, ନିଜ ସହକର୍ମୀ ବା ପଡୋଶୀକୁ ହଇରାଣରେ ପକାଇବା, ବଳ, ଧନ ବା କ୍ଷମତା ଅଛି ବୋଲି ପଡୋଶୀର ଜାଗା ଆଡକୁ ଦି ହାତ ମାଡି ପ୍ରାଚୀର କରିବା, ଉପରେ ପଡି ଗଣ୍ଡଗୋଳ କରିବା ଇତ୍ୟାଦି ବାଟ ନୁହେଁ । ଏହା ହେଲା ଅବାଟ । ବାଟ ହିଁ ମଙ୍ଗଳ । ଅବାଟ ହେଉଛି ଅମଙ୍ଗଳର ରାସ୍ତା । ଠିକ୍ ବାଟରେ ଗଲେ ତୁମେ କାହାର ଅମଙ୍ଗଳ କରିବ ନାହିଁ କି ତୁମର ମଧ କେହି ଅମଙ୍ଗଳ ପାଞ୍ଚିବେ ନାହିଁ । ଯଦି ବି କେହି ଅମଙ୍ଗଳ ପାଞ୍ଚେ, ଧର୍ମ ବାଟରେ ଥିବା ଯୋଗୁ ତୁମର କିଛି ବି ଅମଙ୍ଗଳ ହେବନି – ଏ ବିଶ୍ୱାସ ଟିକକ ମନରେ ଧରି ରଖିବାକୁ ହେବ । ବାଟରେ ଯାଉଥିବା ବେଳେ ସମସ୍ତଙ୍କ ମଙ୍ଗଳ ମନାସିବା ହିଁ ଶ୍ରୀଜଗନ୍ନାଥ ଭକ୍ତଟିର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ । ଠିକ୍ ଏତିକି କଲେ ତୁମକୁ ଆଉ ଈଶ୍ୱରଙ୍କ ପାଖକୁ ଯିବାକୁ ପଡିବନି । ସେ ତୁମ ପାଖକୁ ଧାଇଁ ଆସିବେ । ଥରେ ପରୀକ୍ଷା କରି ଦେଖନ୍ତୁ ପାଠକେ... ।

*– ସମ୍ପାଦକ, ଦିବ୍ୟାଲୋକ ସନ୍ଧାନେ ( ଆଧାତ୍ମିକ ପତ୍ରିକା),*
*ରାମନଗର, ତେଲେଙ୍ଗାପେଣ୍ଠ, କଟକ,*
*ମୋ: ୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ଅନ୍ଧାରର ଆର୍ତ୍ତନାଦ

**ଚିନ୍ମୟ ରଞ୍ଜନ ମିଶ୍ର, ପ୍ରକାଶକ -ବେଳାବାଲି ପ୍ରକାଶନ**
**ଟେଲିଫୋନ ଭବନ ରୋଡ୍, ବ୍ରହ୍ମପୁର-୧, ମୂଲ୍ୟ-୧୧୦ ଟଙ୍କା ।**

ଅନ୍ଧାରର ଆର୍ତ୍ତନାଦ ଚିନ୍ମୟ ରଞ୍ଜନ ମିଶ୍ରଙ୍କର ଏକ ବାସ୍ତବଧର୍ମୀ ନାଟକ । ଅବକ୍ଷୟମୁଖୀ ବସ୍ତୁବାଦୀ ଦୁନିଆର ଅର୍ଥସର୍ବସ୍ୱ ମଣିଷର ମାନସିକ ଅବସ୍ଥାର ଚିତ୍ର ଏଥିରେ ପୁଙ୍ଖାନୁପୁଙ୍ଖ ଭାବେ ଚିତ୍ରଣ କରାଯାଇଛି। ବଞ୍ଚିବା ପାଇଁ ଗାଁ ଭିଟାମାଟି ଯଥେଷ୍ଟ ଉପଯୋଗୀ ଥିଲେ ମଧ ଆଜିର ମଣିଷ ମାଟିକୁ ତୁଚ୍ଛକରି ସହରାଭିମୁଖି ହୋଇଛି। ନାଟକର ସଂଳାପ ସଂଯୋଜନା ଉଚ୍ଚକୋଟୀର।



ପରିବେଶ ଓ ଚରିତ୍ରମାନଙ୍କୁ ଦୃଷ୍ଟିରେ ରଖି ଚରିତ୍ର ଅନୁସାରେ ଭାଷା ଖଞ୍ଜିବାର ଦକ୍ଷତା ନାଟ୍ୟ କୃତିରେ ଦୃଷ୍ଟାନ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାଛଡା ନାଟ୍ୟକାର ବହୁସ୍ଥାନରେ ଗଞ୍ଜାମର କେତେକ ଆଞ୍ଚଳିକ ଶବ୍ଦର ପ୍ରୟୋଗ କରିଛନ୍ତି । ଏଥିରେ ଚରିତ୍ରଗୁଡିକର ଶିକ୍ଷା ଓ ସାଂସ୍କୃତିକ ଯୋଗ୍ୟତାର ସହଜ ଅବଧାରଣା ହୋଇପାରୁଛି। ନାଟକର ଆଉ ଏକ ସଫଳତା ହେଲା ଚରିତ୍ରମାନଙ୍କର ପରିଚୟାତ୍ମକ ଉପସ୍ଥାପନା । ଆଶା ନାଟ୍ୟକାରଙ୍କ ଏହି ନାଟକ ସମାଜ ବଦଳାଇବାରେ ସହାୟକ ହେଉ ।

### କବିତାର କଷଟି

**କବି ଜ୍ଞାନ ଦାଶଙ୍କ କବିତା ସମଗ୍ରର ସମୀକ୍ଷା ସଂକଳନ**
**ସଂକଳକ, ପ୍ରକାଶକ- ନିଶିକାନ୍ତ କହଲସିଂହ**
**ଲୋକିପୁର, ଖୋର୍ଦ୍ଧା, ମୂଲ୍ୟ-୧୪୦ଟଙ୍କା**


କବିତାର କଷଟି କବି ଜ୍ଞାନ ଦାଶଙ୍କ କବିତା ସମଗ୍ରର ସମୀକ୍ଷା ସଂକଳନ। ଏଥିରେ କବିଙ୍କ କବିତା ଉପରେ ୩୭ଟି ଆଲୋଚନା ପ୍ରକାଶ ପାଇଛି। ଅଧାପକ ବିଶ୍ୱରଞ୍ଜନଙ୍କ ପାଖରୁ ଆରମ୍ଭ କରି ଅନେକ ଗୁଣି ଓ ବିଜ୍ଞଜନମାନେ ଜ୍ଞାନଙ୍କ କବିତା ଉପରେ ଆଲୋଚନା କରିଛନ୍ତି। କବି ମୁଖ୍ୟତଃ ପ୍ରେମ ଓ ପ୍ରଣୟର କବି। ତାଙ୍କର ଅନେକ କବିତା ପାଠକଙ୍କ ମନରେ ଶୃଙ୍ଗାର ଭାବ ସୃଷ୍ଟି କରେ। କବି ଜ୍ଞାନଙ୍କ କବିତାରେ ପ୍ରଣୟ ଚେତନା ଯେମିତି ଦେଖିବାକୁ ମିଳେ ସେମିତି ପ୍ରକୃତି ଚେତନା ମଧ ଦେଖିବାକୁ ମିଳେ। ପତ୍ର ସହ ଡେଙ୍ଗ ପରି, ଫୁଲ ସହ ସୁରଭି ପରି, ସାଗର ସହ ଢେଉ ପରି, ପ୍ରଣୟ ସହ ପ୍ରକୃତି ମିଶି ରହିଛି ତାଙ୍କ କବିତାରେ। କବି ଜ୍ଞାନଙ୍କ ପ୍ରଣୟ ଚେତନା ହିଁ ତାଙ୍କର ସମସ୍ତ କାବ୍ୟ ସଂକଳନକୁ ପରିପୁଷ୍ଟ କରିଛି।




### ଭିନ୍ନ ଜଣେ ମଣିଷ

**ସଂକଳକ- ପ୍ରିୟମ୍ବଦା ମହାନ୍ତି ହେଜମାଦି, ପ୍ରକାଶକ- ଶିକ୍ଷା ସନ୍ଧାନ,**
**ଏନ୍‌ଡି- ୭, ଭିଆଇପି ଏରିଆ, ଭୁବନେଶ୍ୱର-୧୫,**
**ମୂଲ୍ୟ – ୧୫୦ଟଙ୍କା**

ପୁସ୍ତକଟିକୁ ଭାଗବତ ଚରଣ ମହାନ୍ତିଙ୍କ ଝିଅ ପ୍ରଫେସର ପ୍ରିୟମ୍ବଦା ମହାନ୍ତି ହେଜମାଦି ସମ୍ପାଦନା କରିଛନ୍ତି। ଏଥିରେ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କଠାରୁ ଆରମ୍ଭ କରି ବ୍ରଜମୋହନ ମହାନ୍ତି ଆଦିଙ୍କ ଲେଖା ରହିଛି। ଭାଗବତ ଚରଣ ମହାନ୍ତି ଥିଲେ ଜଣେ ଦକ୍ଷ ଯନ୍ତ୍ରୀ। ସେ ଚାକିରି ଛାଡି ନିଜକୁ ଜଣେ ଶିଳ୍ପଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିପାରିଥିଲେ। ସେ ତାଙ୍କ ଘରେ ଏକ ଛାପାଖାନା ପ୍ରତିଷ୍ଠା କରି ଜନ୍ମଭୂମି ନାମକ ପତ୍ରିକା ପ୍ରକାଶ କରୁଥିଲେ। ଏହାର ସମ୍ପାଦକ ଥିଲେ ନବକିଶୋର ଦାସ ଓ ପରିଚାଳକ ଥିଲେ ବି.ସି.ମହାନ୍ତି। ସାହେବମାନେ ତାଙ୍କୁ ବି.ସି.ମହାନ୍ତି ବୋଲି କହୁଥିଲେ। ବିସି ମହାନ୍ତି କଣ୍ଟ୍ରାକ୍ଟରୀ ଛାପ ଓଡ଼ିଶା ସାରା ଛାଡି ଯାଇଛନ୍ତି। ସେମିନାରୀ ସ୍କୁଲରେ ସେ ଏକ ନୂତନ ପଦ୍ଧତିରେ କଡିବର୍ଗା ବିହୀନ ଛାତ ନିର୍ମାଣ କରିଥିଲେ, ତେଣୁ ତାଙ୍କୁ ଶୂନ ଛାତର ସ୍ରଷ୍ଟା ବୋଲି କୁହାଯାଏ। ପୁସ୍ତକଟିରେ ବି.ସି. ମହାନ୍ତିଙ୍କ ସମ୍ପର୍କରେ ଅନେକ କଥା ସ୍ଥାନ ପାଇଛି।



# ବେଟି ଜିନ୍ଦାବାଦ ବେକେରି

ଇଏ ଖାଲି ଏକ ବେକେରି ନୁହେଁ, କି ଏଠି ତିଆରି ହେଉଥିବା କେକ୍ ସାଧାରଣ ନୁହେଁ। କାରଣ ଯେଉଁମାନେ ଏଠି କାମ କରୁଛନ୍ତି ଓ ଯାହାଙ୍କ ହାତରେ ଏହି କେକ୍ ତିଆରି ହେଉଛି ସେମାନେ ସାଧାରଣ ନୁହନ୍ତି। ଏହି ବେକେରିରେ କାମ କରନ୍ତି ଅନେକ ଯୁବତୀ ଓ ମହିଳା, ଯେଉଁମାନଙ୍କ ଇତିହାସ ବେଶ୍ କରୁଣ। କାରଣ ଏମାନେ ଦିନେ ଯୁବତୀ ଚାଲାଣ ତଥା ତସ୍କରିର ଶିକାର ହୋଇଥିଲେ ଓ ଅନେକ ନିର୍ଯାତନା ସହିଥିଲେ। ଏହି ନିଆରା ବେକେରିଟି ଅଛି ଛତିଶଗଡ଼ରେ। ପାଥଲଗାଁ ଓ କାସାଁବେଲ କ୍ଷେତ୍ରରେ ଥିବା ଏହି ବେକେରିର ନାଁ ହେଉଛି 'ବେଟି ଜିନ୍ଦାବାଦ ବେକେରି'। ଏଠି କାମ କରୁଥିବା ପ୍ରତି ମହିଳାଙ୍କ କାହାଣୀ ଖୁବ୍ ଦୁଃଖଦ। ଦିନେ ସେମାନେ ତସ୍କରିର ଶିକାର ହୋଇଥିଲେ, ଖୁବ୍ ଯନ୍ତ୍ରଣା ସହିଥିଲେ, ତାଙ୍କୁ ଗୋଲାମ କରାଯାଇଥିଲା। ଆଉ ଅନେକ ରାତି ଭୋକିଲା ପେଟରେ ଶୋଇଥିଲେ। ତସ୍କରିରୁ ଉଦ୍ଧାର ହୋଇ ଆସିଥିବା ଏହି ଯୁବତୀମାନେ କିଭଳି ନୂଆ ଜୀବନ ପାଇବେ, ସ୍ୱାଭିମାନର ସହ ଜିଇବେ ସେକଥା ଭାବିଥିଲେ ଯଶପୁରର ଡିଏମ୍ ପ୍ରିୟଙ୍କା ଶୁକ୍ଳା । ଆଉ ନିଷ୍ପତ୍ତି ନେଲେ ଯଶପୁରରେ ଏକ ବେକେରି ଖୋଲିବେ। ତେଣୁ ପ୍ରଥମେ ସେ ପ୍ରଶାସନ ଓ ମହିଳା ଏବଂ ବାଳବିକାଶ ବିଭାଗ ସହାୟତାରେ ଏହି ମହିଳାମାନଙ୍କୁ ବେକେରି ପାଇଁ ତାଲିମ ପ୍ରଦାନ କଲେ। ପରେ ଯଶପୁରରେ ଏହି ବେକେରିଟିକୁ ଖୋଲି






ସେଠାରେ ମେଶିନ ବସାଇବା ସହ ଆବଶ୍ୟକ ସାମଗ୍ରୀ ପ୍ରଦାନ କଲେ। ଯୁବତୀମାନେ ସେଠାରେ ସ୍ୱାଦିଷ୍ଟ କେକ୍ ତିଆରି କରି ବ୍ୟବସାୟ ଆରମ୍ଭ କଲେ। ଏହି ବେକେରି ଏବେ ବେଶ୍ ପରିଚିତ।







# ର୍‍ୟାପିଂ ପେପରରେ ଡ୍ରେସ୍

ଜନ୍ମଦିନ ହେଉ କି ବିବାହ ବାର୍ଷିକୀ, ଅବା ଆଉ କିଛି ଖାସ୍ ଅବସରରେ ଆମେ ନିଜ ପ୍ରିୟର ମଣିଷଙ୍କୁ ସୁନ୍ଦର ସୁନ୍ଦର ଉପହାର ଦେଇଥାଉ। ଉପହାର ତ ତାଙ୍କ ମନପସନ୍ଦର ବଛାଯାଏ। ତା'ସହ ତାକୁ ଆକର୍ଷଣୀୟ କରିବା ଲାଗି ଚିକ୍ ଚିକ୍ କରୁଥିବା ର୍‍ୟାପିଂ ପେପରରେ ସୁନ୍ଦରଭାବେ ର୍‍ୟାପ୍ କରାଯାଏ। କିନ୍ତୁ ଉପହାରକୁ ପାଇବା ଲାଗି ସେହି ର୍‍ୟାପିଂ ପେପରକୁ ସମସ୍ତେ ଚିରିଦିଅନ୍ତି। ଆଉ ଶେଷରେ ସେହି ର୍‍ୟାପିଂ ପେପର୍ ଯାଏ ଡଷ୍ଟବିନ୍‌କୁ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଅଦରକାରୀ ମଣାଯାଉଥିବା ଏହି ର୍‍ୟାପିଂ ପେପରକୁ ନେଇ ଉତ୍ତର କାରୋଲିନାର କଷ୍ଟ୍ୟୁମ୍ ଡିଜାଇନର ଓଲିଭିଆ ମିଅର୍‌ସ ଏଭଳି ସଦୁପଯୋଗ କରୁଛନ୍ତି ଯେ, ସମସ୍ତେ ତାଙ୍କୁ ପ୍ରଶଂସା କରୁଛନ୍ତି। କଥା କ'ଣ କି ସେ ର୍‍ୟାପିଂ ପେପରକୁ ଫିଙ୍ଗି ନ ଦେଇ କିଭଳି ତା'ର ସଦୁପଯୋଗ ହୋଇପାରିବ ଚିନ୍ତା କରିଥିଲେ। ଆଉ ୨୦୧୩ରେ ପ୍ରଥମେ ର୍‍ୟାପିଂ ପେପର, ରିବନ୍, ବୋ', ଗ୍ଲିଟର୍ସ ଆଦିକୁ ବ୍ୟବହାର କରି ତିଆରିକଲେ ଏକ ସୁନ୍ଦର ଡ୍ରେସ୍। ଏହା ଥିଲା ଠିକ୍ ଡିଜ୍‌ନୀ ପ୍ରିନ୍ସେସ୍‌ଙ୍କ ସୁନ୍ଦର ଗାଉନ୍ ପରି। ତାଙ୍କର ଏହି ପୋଷାକକୁ ସମସ୍ତେ ପସନ୍ଦ କରିଥିଲେ। ତେଣୁ ପରବର୍ତ୍ତୀ ସମୟରେ ସେ ତିଆରି କଲେ ସେହିଭଳି ଅନେକ ସୁନ୍ଦର ଡ୍ରେସ୍, ଯାହାକୁ ଦେଖି କେହି ବିଶ୍ୱାସକଲେ ନାହିଁ ତାହା ର୍‍ୟାପିଂ ପେପରରେ ତିଆରି ବୋଲି। ସେହି ଡ୍ରେସ୍ ପିନ୍ଧି ସେ ଲାଗିଲେ ରାଜକୁମାରୀ ଭଳି। ଆଉ ସୋସିଆଲ ମିଡିଆରେ ହେଲେ ଚର୍ଚ୍ଚିତ।











# ବାଇଗଣୀ ରଙ୍ଗର ଦ୍ୱୀପ

ପୃଥିବୀରେ ଏମିତି ଅନେକ ସ୍ଥାନ ରହିଛି, ଯାହାର ସୌନ୍ଦର୍ଯ୍ୟ ଏତେ ମନଲୋଭା ହୋଇଥାଏ ଯେ, ଇଚ୍ଛା ହେବ ସେଇଠି ରହିଯିବା ପାଇଁ। ତା'ରି ଭିତରେ ହଜିଯିବା ପାଇଁ। ତନ୍ମଧ୍ୟରେ କିଛିଟା ପ୍ରାକୃତିକଭାବେ ସୌନ୍ଦର୍ଯ୍ୟରେ ଭରା ହୋଇଥିବାବେଳେ ଆଉ କିଛି ସ୍ଥାନକୁ ମଣିଷ ଗଢ଼ିଥାଏ। ମନୁଷ୍ୟକୃତ ଅପରୂପ ସୌନ୍ଦର୍ଯ୍ୟରେ ଭରା ସ୍ଥାନ ଭିତରେ ଗୋଟିଏ ହେଉଛି ଦକ୍ଷିଣ କୋରିଆର ସାଉଥ ଜିଓଲା ପ୍ରାନ୍ତର ସିନାନ କାଉଣ୍ଟିରେ ଥିବା 'ବନଓ୍ୱଲ ଆଇଲାଣ୍ଡ'। ଏହା 'ପର୍ପଲ ଆଇଲାଣ୍ଡ' ବା 'ହାଫ୍ ମୁନ୍ ଆଇଲାଣ୍ଡ' ଭାବେ ବେଶ୍ ପରିଚିତ। ଏହି ଦ୍ୱୀପର ଯେଉଁଆଡ଼କୁ ଆଖି ବୁଲାଇବେ ପର୍ପଲ ବା ବାଇଗଣି ରଙ୍ଗ ହିଁ ଦେଖିବାକୁ ମିଳିବ। ରଙ୍ଗକୁ ଭଲ ପାଉଥିବା ଲୋକଙ୍କୁ ଏହା ସ୍ୱର୍ଗ ଭଳି ଅନୁଭୂତ ହେବ। ଏଠାକାର ସବୁ ଘରର ରଙ୍ଗ ପର୍ପଲ ବା ବାଇଗଣି, ରାସ୍ତାଘାଟ ଓ ପୋଲର ରଙ୍ଗ ବି ବାଇଗଣି। ୪୦,୦୦୦ରୁ ଉର୍ଦ୍ଧ୍ୱ ବାଇଗଣି ରଙ୍ଗର ଲାଭେଣ୍ଡର ଗଛ ବି ଲଗାଯାଇଛି। ଏଠାକାର ହୋଟେଲ ରୁମ୍‌ଠାରୁ ଆରମ୍ଭକରି ରେଷ୍ଟୁରାଣ୍ଟ, ଟୟଲେଟ୍ ସବୁକିଛି ବାଇଗଣି ରଙ୍ଗର। ସ୍ଥାନୀୟ କାର୍‌ଗୁଡିକ ବି ବାଇଗଣି ରଙ୍ଗର। ଏହି ପର୍ପଲ ଆଇଲାଣ୍ଡର ଫଟୋ ସୋସିଆଲ ମିଡିଆରେ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି।